# ଭିଡ଼ ହିଂସା ଘଟଣାରେ ୩ ଅଟକ, ତଦନ୍ତ ଜାରି

## ଆଇନ ହାତକୁ ନେଲେ, ଦୃଢ଼ କାର୍ଯ୍ୟାନୁଷ୍ଠାନ : ଅତିରିକ୍ତ ଏସ୍‌ପି

ସମ୍ବଲପୁର, ୨୨।୬ (ସମିସ)

ଗତକାଲି ସକାଳେ ବଡ଼ବଜାର ଧୋବାପଡ଼ା ଅଞ୍ଚଳରେ ଜଣେ ଯୁବକଙ୍କୁ ସ୍ଥାନୀୟ ଯୁବକମାନେ ନିର୍ଘୃମ ମାଡ଼ ମାରିଥିଲେ। ସମ୍ପ୍ରତି ରାୟଗଡ଼ାରେ ଏହିଭଳି ଭିଡ଼ ହିଂସା ଘଟିଥିବାବେଳେ ସମ୍ବଲପୁର କ୍ଷେତରାଜପୁର ପୁଲିସ ତତ୍ପରତାର ସହ କାର୍ଯ୍ୟକରି ଏଡ଼ାଇ ଦେଇପାରିଛି। ପୁଲିସ ଘଟଣାସ୍ଥଳରୁ ଉକ୍ତ ଯୁବକଙ୍କୁ ଉଦ୍ଧାର କରିଥିଲା। ଯୁବକ ଜଣକ କେରଳ ରାଜ୍ୟ ଆଲେପି ଅଞ୍ଚଳର ବିଷ୍ଣୁ ଏସ୍ ବୋଲି ଜଣାପଡ଼ିଥିଲା। ଚାକିରି ସନ୍ଧାନରେ ସେ ସମ୍ବଲପୁର ଆସିଥିଲେ। ପୁଲିସ ପକ୍ଷରୁ ତାଙ୍କ ଡାକ୍ତରୀ ପରୀକ୍ଷା କରାଯାଇଥିଲା। ପରେ ପରିବାର ସହ କଥାବାର୍ତ୍ତା କରି ପୁଲିସ ତାଙ୍କୁ ଗତକାଲି ରାତିରେ ଟ୍ରେନ ଯୋଗେ ତାଙ୍କ ଘରକୁ ପଠାଇ ଦେଇଥିବା ଅତିରିକ୍ତ ଏସ୍‌ପି ଅଜୟ କୁମାର ମିଶ୍ର କହିଛନ୍ତି। ଏହି ଘଟଣାର ତଦନ୍ତ ଜାରି ରହିଥିବାବେଳେ ପୁଲିସ ୩ ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଭିଡିଓ ଅନୁଯାୟୀ ଚିହ୍ନଟ କରାଯାଇଥିବା ସେ କହିଛନ୍ତି। ଏହାସହ କୌଣସି ଅଘଟଣ ଘଟିଲେ ବା ସନ୍ଦିଗ୍ଧଙ୍କୁ ଦେଖିଲେ ଆଇନ ହାତକୁ ନ ନେଇ ପୁଲିସକୁ ୧୧୨ କିମ୍ବା ନିକଟସ୍ଥ କଣ୍ଟ୍ରୋଲ ରୁମ୍‌କୁ ଯୋଗାଯୋଗ କରିବାକୁ ଏଏସ୍‌ପି ଶ୍ରୀ ମିଶ୍ର ଅନୁରୋଧ କରିଛନ୍ତି।

ଅତିରିକ୍ତ ଏସ୍‌ପି ଶ୍ରୀ ମିଶ୍ର କହିଛନ୍ତି ଯେ,




କେରଳ ରାଜ୍ୟ ଆଲେପି ନର୍ଥର ବିଷ୍ଣୁ ଏସ୍ (୩୧) ବରଗଡ଼ରେ ଶ୍ରମିକ ଭାବେ କାର୍ଯ୍ୟ କରନ୍ତି। ସେ ପ୍ରାୟ ୧୫ ଦିନ ହେବ କାମ ଛାଡ଼ି ସମ୍ବଲପୁରକୁ କାମ ଅନ୍ୱେଷଣରେ ଆସିଥିଲେ। ଗତକାଲି ଦିନ ୧୦ଟା ବେଳକୁ ସେ କ୍ଷେତରାଜପୁର ଥାନା ଅଧୀନ ଧୋବାପଡ଼ା ଛକ ନିକଟରେ ବୁଲାବୁଲି କରୁଥିବାବେଳେ ସ୍ଥାନୀୟ କିଛି ଯୁବକ ତାଙ୍କୁ ସନ୍ଦିଗ୍ଧ ଭାବି ପଚାରିଥିଲେ। ତେବେ ତାଙ୍କ ଭାଷାଗତ ଓ ବୁଝିବାକୁ ନେଇ ସମସ୍ୟା ସୃଷ୍ଟି ହେଲା। ସେ କିଛି ଅପରାଧ ଘଟାଇବାକୁ ଆସିଛନ୍ତି ଭାବି ଲୋକେ ତାଙ୍କୁ ମାର୍‌ପିଟ କରିଥିଲେ। ଖବରପାଇ କ୍ଷେତରାଜପୁର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କରି ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଥିଲେ। ପରେ ବରଗଡ଼ର ଠିକାଦାର ଓ ତାଙ୍କ ଘରଲୋକଙ୍କୁ ଯୋଗାଯୋଗ କରି ଟ୍ରେନ ଯୋଗେ ତାଙ୍କୁ ଘରକୁ ପଠାଇ ଦିଆଯାଇଥିବା ଏଏସ୍‌ପି ସୂଚନା ଦେଇଛନ୍ତି। କ୍ଷେତରାଜପୁର ଥାନାରେ ମାମଲା ରୁଜୁ କରାଯାଇ ସିସିଟିଭି ଫୁଟେଜ୍ ଓ ଭାଇରାଲ ଭିଡିଓ ଆଧାରରେ ୩ ଜଣ ବ୍ୟକ୍ତିଙ୍କୁ ଚିହ୍ନଟ କରି ଅଟକ ରଖାଯାଇଛି। ଏହାସହ ଆଉ ଯେଉଁମାନେ ଏହି ଘଟଣାରେ ସମ୍ପୃକ୍ତ ସେମାନଙ୍କୁ ଚିହ୍ନଟ କରାଯାଇ ପୁଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

### ‘ଆଇନକୁ ହାତକୁ ନିଅନ୍ତୁ ନାହିଁ’

ଅତିରିକ୍ତ ଏସ୍‌ପି ଅଜୟ କୁମାର ମିଶ୍ର କହିଛନ୍ତି ଯେ, ନିଜ ଅଞ୍ଚଳରେ ଯଦି କୌଣସି ଘଟଣା ଘଟୁଛି କିମ୍ବା ସନ୍ଦେହଜନକ ନିଜ ନଜରକୁ ଆସୁଛି, ତାହାହେଲେ କେହି ଆଇନକୁ ହାତକୁ ନିଅନ୍ତୁ ନାହିଁ, ୧୧୨ ପୁଲିସ କଣ୍ଟ୍ରୋଲ ରୁମ୍, ଇଆର୍‌ବି କିମ୍ବା ପୁଲିସ କ୍ୟାବିନ୍ ଆଦିରେ ଖବର ଦିଅନ୍ତୁ, ପୁଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ଯଦି ଆଇନକୁ ହାତକୁ ନେବାପାଇଁ କେହି ଚେଷ୍ଟା କରନ୍ତି, ତାହାହେଲେ ତାଙ୍କ ବିରୋଧରେ ପୁଲିସ ତରଫରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଭିଡ଼ ହିଂସା ବିରୋଧରେ କଡ଼ା ଆଇନ ଦାବିକଲା ‘ପ୍ରୋଗ୍ରେସିଭ୍ ସମ୍ବଲପୁର’

**ସମ୍ବଲପୁର, ୨୨।୬ (ସମିସ) :** ଓଡ଼ିଶାରେ ବଢ଼ିଚାଲିଥିବା ଭିଡ଼ ହିଂସା (ମବ୍ ଲିଞ୍ଚିଂ) ଘଟଣାକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଛି ସାମାଜିକ ସଂଗଠନ ପ୍ରୋଗ୍ରେସିଭ ସମ୍ବଲପୁର। ସୋମବାର ସଂଗଠନର ଏକ ପ୍ରତିନିଧି ଦଳ ଆରକ୍ଷୀ ଅଧୀକ୍ଷକଙ୍କ ଜରିଆରେ ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକ (ଡିଜିପି)ଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଅତିରିକ୍ତ ଏସ୍‌ପି ଶ୍ରୀମନ୍ତ ବାରିକ ସ୍ମାରକପତ୍ର ଗ୍ରହଣ କରିଥିଲେ। ସଂଗଠନ ପକ୍ଷରୁ



କୁହାଯାଇଛି ଯେ, ଗତ କିଛି ମାସ ମଧ୍ୟରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଗୁଜବ, ସନ୍ଦେହ ଏବଂ ଭ୍ରାନ୍ତ ସୂଚନାକୁ ଆଧାର କରି ନିରୀହ ଲୋକଙ୍କ ଉପରେ ଆକ୍ରମଣ ବଢ଼ିଚାଲିଛି। ବିଶେଷକରି ମହିଳା, ଆର୍ଥିକ ଭାବେ ଦୁର୍ବଳ ବର୍ଗ, ଶ୍ରମିକ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକମାନେ ଏହିପରି ହିଂସାର ଶିକାର ହେଉଛନ୍ତି। ସ୍ମାରକପତ୍ରରେ ରାୟଗଡ଼ା ଜିଲ୍ଲାରେ ଜଣେ ମହିଳା ଏନ୍‌ଜିଓ କର୍ମୀଙ୍କ ସମେତ ଦୁଇଜଣ ସାମାଜିକ କର୍ମୀଙ୍କ ଉପରେ ହୋଇଥିବା ଆକ୍ରମଣ ଘଟଣାର ଉଲ୍ଲେଖ କରାଯାଇଛି। ପିଲାଚୋର ସନ୍ଦେହରେ ଗୁଜବ ପ୍ରଚାର ହେବା ପରେ ସେମାନଙ୍କୁ ନିର୍ମମ ଭାବେ ଆକ୍ରମଣ କରାଯାଇଥିଲା। ସେହିପରି ସମ୍ବଲପୁରରେ ସମ୍ପ୍ରତି କେରଳର ଶ୍ରମିକ ବିଷ୍ଣୁଙ୍କୁ ପିଲାଚୋର ସନ୍ଦେହରେ ଭିଡ଼ ଦ୍ୱାରା ମାଡ଼ ମରାଯାଇଥିବା ବେଳେ, ପୂର୍ବରୁ ଶାନ୍ତିନଗର ଅଞ୍ଚଳରେ ପଶ୍ଚିମବଙ୍ଗର ଶ୍ରମିକ ଜୁଏଲ ଶେଖଙ୍କ ମୃତ୍ୟୁ ଘଟଣାକୁ ମଧ୍ୟ ଉଦାହରଣ ଭାବେ ଦର୍ଶାଯାଇଛି। ପ୍ରୋଗ୍ରେସିଭ ସମ୍ବଲପୁରର ଆବାହକ ସଞ୍ଜିତ ମହାନ୍ତି କହିଛନ୍ତି ଯେ, ଏହି ସମସ୍ତ ଘଟଣା ଆଇନକୁ ନିଜ ହାତକୁ ନେବାର ବଢ଼ୁଥିବା ପ୍ରବୃତ୍ତିର ସୂଚନା ଦେଉଛି। ଏହା ଓଡ଼ିଶାର ଶାନ୍ତିପ୍ରିୟ ଛବିକୁ କ୍ଷତିଗ୍ରସ୍ତ କରିବା ସହିତ ରାଜ୍ୟକୁ କାମ କିମ୍ବା ସେବା ପାଇଁ ଆସୁଥିବା ଶ୍ରମିକ, ଛାତ୍ରଛାତ୍ରୀ ଓ ସାମାଜିକ କର୍ମୀଙ୍କ ମଧ୍ୟରେ ଭୟ ସୃଷ୍ଟି କରୁଛି। ସଂଗଠନ ପକ୍ଷରୁ ଭିଡ଼ ହିଂସା ରୋକିବା ପାଇଁ ସ୍ୱତନ୍ତ୍ର ଓ କଡ଼ା ଆଇନ ପ୍ରଣୟନ, ଗୁଜବ ବିରୋଧୀ ସଚେତନତା ଅଭିଯାନ, ସୋସିଆଲ ମିଡ଼ିଆରେ ଭ୍ରାନ୍ତ ସୂଚନା ପ୍ରଚାରକାରୀଙ୍କ ବିରୋଧରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଏବଂ ଭିଡ଼ ହିଂସାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦ୍ରୁତ ବିଚାର ପ୍ରକ୍ରିୟା ଦାବି କରାଯାଇଛି। ପ୍ରତିନିଧି ଦଳରେ ପ୍ରତାପ ଶର୍ମା, ଦେବଜ୍ୟୋତି ପଟ୍ଟନାୟକ, ସୁମିତ ପଟେଲ, ଚୁମନ ପ୍ରଧାନ, ସୌରଭ ସେନ, ସୌରଭ ମହାକୁଳ, ଆର୍ଯ୍ୟନ ବହିଦାର, ଶିବୁ ସେଠ, ପ୍ରିୟାଂଶୁ ପ୍ରଧାନ, ଆର୍ଯ୍ୟନ ନାୟକ ପ୍ରମୁଖ ସାମିଲ ଥିଲେ।

## ୨୫ରେ ସମ୍ବଲପୁର କ୍ଷେତ୍ରୀୟ ଡାକ ଅଦାଲତ

**ସମ୍ବଲପୁର, ୨୨।୬ (ସମିସ) :** ପୋଷ୍ଟମାଷ୍ଟର ଜେନେରାଲ, ସମ୍ବଲପୁର କ୍ଷେତ୍ର, ସମ୍ବଲପୁରଙ୍କ ବିଜ୍ଞପ୍ତି ଅନୁଯାୟୀ, ସମ୍ବଲପୁର କ୍ଷେତ୍ରୀୟ ଡାକ ଅଦାଲତ ଆସନ୍ତା ୨୫ ତାରିଖ (ଗୁରୁବାର) ପୂର୍ବାହ୍ନ ୧୧ଟା ସମୟରେ ପୋଷ୍ଟମାଷ୍ଟର ଜେନେରାଲଙ୍କ କାର୍ଯ୍ୟାଳୟ, ସମ୍ବଲପୁରଠାରେ ଅନୁଷ୍ଠିତ ହେବ। ଜନସାଧାରଣ ସେମାନଙ୍କର ଅଭିଯୋଗ ଗୁଡିକ ପ୍ରଥମେ ଡିଭିଜନସ୍ତରୀୟ ଡାକ ଅଦାଲତରେ ଉପସ୍ଥାପିତ କରିବେ। ଯଦି ସେଠାରୁ ସନ୍ତୋଷଜନକ ସମାଧାନ ପାଇବାରେ ଅସମର୍ଥ ହୁଅନ୍ତି, ତାହାହେଲେ ସେମାନେ କ୍ଷେତ୍ରୀୟ ଡାକ ଅଦାଲତରେ ସେମାନଙ୍କର ଅଭିଯୋଗ ଗୁଡିକ ଉପସ୍ଥାପିତ କରିପାରିବେ। ଏଥିପାଇଁ ଡାକଘର କାରବାର ସମ୍ବନ୍ଧୀୟ ଅଭିଯୋଗକୁ ତିନିକିତା କରି ସେଥିସହିତ (କ) ସମ୍ପୃକ୍ତ ଡାକଘର ରସିଦ /ପ୍ରମାଣପତ୍ର, (ଖ) ଅଭିଯୋଗର ବିବରଣୀ, (ଗ) ଅଭିଯୋଗକାରୀଙ୍କ ନାମ ଓ ସମ୍ପୂର୍ଣ୍ଣ ଡାକ ଠିକଣା ସହିତ ସମ୍ପୃକ୍ତ ଡିଭିଜନର ଡାକଘର ସୁପରିଟେଣ୍ଡେଣ୍ଟ କିମ୍ବା ସହାୟକ ଡାକ ନିର୍ଦ୍ଦେଶକ, ପୋଷ୍ଟମାଷ୍ଟର ଜେନେରାଲଙ୍କ କାର୍ଯ୍ୟାଳୟ ସମ୍ବଲପୁର-୭୬୮୦୦୧ ଠିକଣାରେ ଆସନ୍ତା ୨୦ ତାରିଖ ସୁଦ୍ଧା ପଠାଇବାକୁ ହେବ। ଡାକସେବା ଅସମ୍ବନ୍ଧୀୟ ଅଭିଯୋଗ ଯଥା ଡାକଘର ସ୍ଥାପନା, ନୂତନ ପଦ ସୃଷ୍ଟି, ଡାକଘରର ଭଡ଼ା କିମ୍ବା ଘରଭଡ଼ା ଇତ୍ୟାଦି ଡାକ ଅଦାଲତରେ ବିଚାର ପରିସରଭୁକ୍ତ ନୁହେଁ। ତେଣୁ ଏ ସମ୍ବନ୍ଧରେ କୌଣସି ଅଭିଯୋଗ ନ ପଠାଇବାକୁ ପରାମର୍ଶ ଦିଆଯାଇଛି। ୨୦ ତାରିଖ ପରେ ମିଳିଥିବା ଅଭିଯୋଗଗୁଡ଼ିକ ବିଚାରକୁ ନିଆଯିବ ନାହିଁ ବୋଲି ପୋଷ୍ଟମାଷ୍ଟର ଜେନେରାଲଙ୍କ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

## ଅତ୍ୟଧିକ ଫି’କୁ ନେଇ ଛାତ୍ର ଅଶାନ୍ତି

**ସମ୍ବଲପୁର, ୨୨।୬ (ସମିସ) :** ସମଲେଶ୍ୱରୀ କଲେଜରେ ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀମାନଙ୍କୁ ଟିସି ଓ ସାର୍ଟିଫିକେଟ୍ ପ୍ରଦାନ କରିବା ସମୟରେ ଅଧିକ ଅର୍ଥ ଦାବି କରାଯାଉଥିବା ଅଭିଯୋଗ ହୋଇଛି। କଲେଜ କର୍ତ୍ତୃପକ୍ଷ ବିନା କୌଣସି ପୂର୍ବ ସୂଚନା ବା ଅଫିସିଆଲ୍ ନୋଟିସ୍‌ରେ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ୮୦୦ ଟଙ୍କା ଲେଖାଏଁ ମାଗୁଥିବାରୁ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଥିପାଇଁ କୌଣସି ବିଧିବଦ୍ଧ ନୋଟିସ୍ ଜାରି କରାଯାଇ ନ ଥିଲେ ମଧ୍ୟ ମେସେଜ୍ ମାଧ୍ୟମରେ ଜଣାଇ ଦିଆଯାଇଥିବା କଲେଜ କର୍ତ୍ତୃପକ୍ଷଙ୍କ ସୂତ୍ରରୁ ପ୍ରକାଶ। ଅପରପକ୍ଷେ ଛାତ୍ରଛାତ୍ରୀମାନେ ଏଭଳି ଅଧିକ ଫି ନେବା ପୂର୍ବରୁ ଅଭିଭାବକ-ଶିକ୍ଷକ ବୈଠକରେ ଆଲୋଚନା ହେବା ଆବଶ୍ୟକ ଥିଲା ବୋଲି ଅଭିଯୋଗ କରିଛନ୍ତି। ଏନେଇ ଆଜି କଲେଜ ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା।

## ଚୋର ଗିରଫ, ସ୍କୁଟି ଜବତ

**ସମ୍ବଲପୁର, ୨୨।୬ (ସମିସ) :** ବୁର୍ଲା ଅଞ୍ଚଳରେ ଚୋରି ହୋଇଥିବା ଏକ ହୋଣ୍ଡା ଏକ୍ଟିଭା ସ୍କୁଟି ପୁଲିସ ଜବତ କରିବାସହ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି। ପୁଲିସର ସୂଚନା ଅନୁଯାୟୀ, ବୁର୍ଲା ଥାନା ଅଧୀନ ବରାହକୁନି ଗ୍ରାମର ଅନିଲ କୁମାର ପାଇକ ରବିବାର ରାତିରେ ତାଙ୍କ ହୋଣ୍ଡା ଏକ୍ଟିଭା ସ୍କୁଟି ତାଙ୍କ ଘର ସାମ୍ନାରେ ରଖିଥିଲେ। ଆଜି ସକାଳେ ସେ ଦେଖିଲେ ଯେ, ସ୍କୁଟି ପାର୍କିଂ ସ୍ଥାନରେ ନାହିଁ। ଏନେଇ ସେ ବୁର୍ଲା ଥାନାରେ ଅଭିଯୋଗ କରିଥିଲେ। ବୁର୍ଲା ପୁଲିସ ତଦନ୍ତ କରି ଅଭିଯୁକ୍ତ ବୁର୍ଲା ଥାନା ବରାହକୁନିର ଶୁଭ୍ରାଂଶୁ ଶେଖର ପାଇକ ଓରଫ୍ ତପୁଇ (୨୨) ସ୍କୁଟି ଚୋରି କରି ପୋତାପାଲି ଗାଁରେ ରଖିଥିବା ଜାଣିପାରିଥିଲା। ଆଜି ପୁଲିସ ସ୍କୁଟି ଉଦ୍ଧାର କରିବାସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ସୂଚନା ଦେଇଛି।

## କଫସିରପ୍ ଓ ମଦ ଜବତ, ୨ ଗିରଫ

**ସମ୍ବଲପୁର, ୨୨।୬ (ସମିସ) :** ସମ୍ବଲପୁର ଧନୁପାଲି ଥାନା ପୁଲିସ ପକ୍ଷରୁ ଚଢ଼ଉ କରାଯାଇ ବିପୁଳ ପରିମାଣର ବେଆଇନ କଫସିରପ୍ ଏବଂ ଦେଶୀ ରନ୍ଧା ମଦ ଜବତ କରାଯିବାସହ କାରବାରରେ ସମ୍ପୃକ୍ତ ଦୁଇଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ମାୟାବଗିଚା ଅଞ୍ଚଳର ମହମ୍ମଦ ରିଆଜ୍ (୨୩) ଏବଂ ପେନସନପଡ଼ା ଅଞ୍ଚଳର ଅବଦୁଲ ଇସଲାମ (୨୧)। ପୁଲିସର ସୂଚନା ଅନୁଯାୟୀ, ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଧନୁପାଲି ପୁଲିସ ଚଢ଼ଉ କରିଥିଲା। ଚଢ଼ଉ ସମୟରେ ସେମାନଙ୍କଠାରୁ ୩୮ ବୋତଲ ୱିନସିରେକ୍ସ କଫସିରପ୍ ଏବଂ ୨୮ ଲିଟର ବେଆଇନ ଦେଶୀ ରନ୍ଧା ମଦ ଜବତ କରାଯାଇଛି। ଧନୁପାଲି ଥାନାରେ ମାମଲା ରୁଜୁ କରି ଉଭୟ ଅଭିଯୁକ୍ତଙ୍କୁ ଆଜି ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିବା ଥାନାଧିକାରୀ ଆଦିତ୍ୟ ମହାକୁଡ଼ ସୂଚନା ଦେଇଛନ୍ତି।

# ଓଡ଼ିଶା ହୋମିଓପାଥିକ୍ ଭେଷଜ ମହାବିଦ୍ୟାଳୟରେ ଯୋଗ ଦିବସ

**ସମ୍ବଲପୁର, ୨୨।୬ (ସମିସ) :** ସମ୍ବଲପୁରସ୍ଥିତ ଓଡ଼ିଶା ହୋମିଓପାଥିକ୍ ଭେଷଜ ମହାବିଦ୍ୟାଳୟରେ ଭାରତ ସରକାର ଆୟୁଷ ମନ୍ତ୍ରାଳୟ ଏବଂ ରାଜ୍ୟ ଆୟୁଷ ନିର୍ଦ୍ଦେଶାଳୟର ନିର୍ଦ୍ଦେଶରେ ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ସପ୍ତାହବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗତକାଲି ଯୋଗ ୩୬୦ ଏବଂ ସୁସ୍ଥ ବାର୍ଦ୍ଧକ୍ୟ ପାଇ ଯୋଗ ଉପରେ ଏକ ସେମିନାରର ଆୟୋଜନ କରାଯାଇଥିଲା। ଏହାପୂର୍ବରୁ ଗତ ବୁଧବାର ବୁଢ଼ାରଜାସ୍ଥିତ ପାହାଡ଼ରେ ଏକ ଯୋଗ ଶିବିର ଅନୁଷ୍ଠିତ ହୋଇଥିଲା। ଗୁରୁବାର ଏକ ସଚେତନତା ଦୌଡ଼ ବରମୁଣ୍ଡା ଗ୍ରାମରେ ହୋଇଥିଲା। ତା’ପରେ ଶୁକ୍ରବାର ଅନୁଷ୍ଠାନ ପ୍ରାଙ୍ଗଣରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା।



ରବିବାର କଲେଜର ଛାତ୍ରଛାତ୍ରୀମାନେ ପ୍ରାତଃସମୟରେ ଅନୁଷ୍ଠାନ ତରଫରୁ ଆୟୋଜିତ ସାମୁହିକ ଯୋଗାଭ୍ୟାସ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ ଗୁଡ଼ିକ କଲେଜର ଅଧ୍ୟକ୍ଷ ଡା. ଦିପ୍ତିକାନ୍ତ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟାପିକା ଡା. ସସ୍ମିତା ରାଣୀ ବେଉରା ପରିଚାଳନା କରିଥିଲେ।

# ରେଙ୍ଗାଲିରେ ଜନଅଭିଯୋଗ ଶୁଣାଣି

**ସମ୍ବଲପୁର, ୨୨।୬ (ସମିସ) :** ରେଙ୍ଗାଲି ବ୍ଲକ କାର୍ଯ୍ୟାଳୟରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଏବଂ ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୮୯ଟି ଆବେଦନ ଗ୍ରହଣ କରାଯାଇଥିଲା। ତନ୍ମଧ୍ୟରେ ୬୦ଟି ବ୍ୟକ୍ତିଗତ ଓ ୨୩ଟି ଗୋଷ୍ଠୀଗତ ସମସ୍ୟା ରହିଥିଲା। ରେଙ୍ଗାଲିରେ ଚୋରି, ଲୁଟ୍ ଓ ଛିନ୍‌ତାଇ ବୃଦ୍ଧି ପାଇଥିବାରୁ ପାଟ୍ରୋଲିଂ କଡ଼ାକଡ଼ି କରାଯିବାକୁ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ରେଙ୍ଗାଲିବାସୀ ଦାବି ଜଣାଇଥିଲେ। ଅଭିଯୋଗ ଅନୁଯାୟୀ, ଏପ୍ରିଲ ୧୫ ତାରିଖ ଓଡ଼ିଶା ଆଦର୍ଶ ବିଦ୍ୟାଳୟରୁ ଦୁର୍ବୃତ୍ତମାନେ ୩୦ଟି ହାଲୋଜେନ୍ ଲାଇଟ, ସିସିଟିଭି କ୍ୟାମେରା ଆଦି ଚୋରି କରିଥିଲେ। ଏହାପର ରେଙ୍ଗାଲି ନୂଆଁ ରମ୍ଭେଲା ହାଇସ୍କୁଲରୁ ଖେଳ ସାମଗ୍ରୀ, କମ୍ପ୍ୟୁଟର ଆଦି ଚୋରି ହୋଇଥିଲା। ପୁଣି ଗତ ୧୮ ତାରିଖ ସକାଳେ ଦୁର୍ବୃତ୍ତମାନେ ସୁନାଚେନ୍ ଲୁଟି ନେଇଥିଲେ। ଏହାପରଦିନ ବାଇକ୍ ଚୋରି ହୋଇଥିଲା। ପୁଣି ରେଙ୍ଗାଲିରେ ଚୋରମାନେ କାର ଭିତରେ ଥିବା ସୁନା ଓ ରୂପାର ଅଳଙ୍କାର ତଥା ନଗଦ ଟଙ୍କା ଚୋରି କରିଥିଲେ। ଚୋରି ମାମଲା ବୃଦ୍ଧି ପାଉଥିବାବେଳେ ଚୋର ଧରାପଡ଼ୁନାହାନ୍ତି। ଚୋରମାନେ ପୁଲିସକୁ ଖୋଲା ଆହ୍ୱାନ ଦେଉଛନ୍ତି। ଏହି ପରିପ୍ରେକ୍ଷୀରେ ପୁଲିସ ପାଟ୍ରୋଲିଂ ବୃଦ୍ଧି ଓ କଡ଼ାକଡ଼ି କରିବାକୁ ଅଞ୍ଚଳବାସୀ ଦାବି ଜଣାଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି (ସିଏମ୍‌ଆର୍‌ଏଫ୍) ଅଧୀନରେ ୨ ଜଣଙ୍କୁ ୨୫ ହଜାର ଟଙ୍କା ଲେଖାଏ ଏବଂ ରେଡକ୍ରସ୍ ଅଧୀନରେ ୪ ଜଣଙ୍କୁ ୪୫ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରାଯାଇଥିଲା।

# ୯୪ ଫୁଟ୍ ଗଭୀରରେ ବୁଡ଼ିଥିବା ବିମାନ ଭିତରେ ସ୍କୁବା ଡାଇଭ୍ କଲେ ପ୍ରିୟଦର୍ଶୀ

**ସମ୍ବଲପୁର, ୨୨।୬ (ସମିସ) :** ଦୁବାଇର ପ୍ରବାସୀ ଓଡ଼ିଆ, କର୍ପୋରେଟ୍ କାର୍ଯ୍ୟନିର୍ବାହୀ ଏବଂ ଅନୁଭବୀ ସ୍କୁବା ଡାଇଭର ପ୍ରିୟଦର୍ଶୀ ପାଣିଗ୍ରାହୀ ଜୋର୍ଡାନର ଆକାବା ସମୁଦ୍ରତଟ ନିକଟରେ ଲାଲ ସାଗର ତଳେ ବୁଡ଼ିଥିବା ଏକ ବିଶାଳ ଯାତ୍ରୀବାହୀ ବିମାନ ଭିତରେ ପ୍ରବେଶ କରି, ଗତ ରବିବାର, ଏକ ଦୁର୍ଲଭ ଆନ୍ତର୍ଜାତୀୟ ସ୍କୁବା ଡାଇଭ୍ ସଫଳତା ହାସଲ କରିଛନ୍ତି। ଏହି ବିମାନଟି ହେଉଛି ଲକହିଡ୍ ଏଲ୍-୧୦୧୧ ଟ୍ରାଇଷ୍ଟାର, ଯାହା ବର୍ତ୍ତମାନ ସମୁଦ୍ରତଳରେ ଏକ କୃତ୍ରିମ ପ୍ରବାଳ ପ୍ରାଚୀର ଭାବେ ପରିବର୍ତ୍ତିତ ହୋଇଛି। ବର୍ତ୍ତମାନ ଏହି ବିମାନଟି ୧୮ରୁ ୨୮ ମିଟର (୫୯-୯୨ ଫୁଟ୍) ଗଭୀରରେ ଅବସ୍ଥିତ। ଡାଇଭ୍ ସମୟରେ ପ୍ରିୟଦର୍ଶୀ ୨୮.୭ ମିଟର (୯୪ ଫୁଟ୍) ଗଭୀରତାକୁ ଅବତରଣ କରି ବିମାନର ଭିତରକୁ ପ୍ରବେଶ କରିଥିଲେ। ସେ ବିମାନର ଯାତ୍ରୀ କେବିନ୍ ଦେଇ ଆଗକୁ ବଢ଼ିଥିଲେ, କକ୍‌ପିଟ୍ ପରିଦର୍ଶନ କରିଥିଲେ ଏବଂ ବିମାନର ବିଭିନ୍ନ ଅଂଶ ଅନୁଭବ କରିଥିଲେ। ଡାଇଭ୍ ର ସବୁଠାରୁ ରୋମାଞ୍ଚକର ମୁହୂର୍ତ୍ତ ଥିଲା ସେ ଟ୍ରାଇଷ୍ଟାରର ବିଶିଷ୍ଟ ଟେଲ୍-ମାଉଣ୍ଟେଡ୍ ତୃତୀୟ ଇଞ୍ଜିନ୍ ଅଂଶ ମାଧ୍ୟମରେ ବାହାରିଥିବା ଅନୁଭୂତି, ଯାହା ଏହି ବିମାନର ‘ଏସ୍-ଡକ୍ଟ’ ଡିଜାଇନ୍ ଯୋଗୁଁ ସମ୍ଭବ ହୋଇଛି। ପ୍ରିୟଦର୍ଶୀ କହିଛନ୍ତି, ଏହା କେବଳ ଆଉ ଗୋଟିଏ ଡାଇଭ୍ ନୁହେଁ। ଏକ ମୁହୂର୍ତ୍ତରେ ଆପଣ ସମୁଦ୍ର ମଧ୍ୟରେ, ଆଉ ପରବର୍ତ୍ତୀ ମୁହୂର୍ତ୍ତରେ ଆପଣ ଏକ ବିଶାଳ ବିମାନ ଭିତରେ ପହଁଚୁଛନ୍ତି। ଆକାଶରେ ୩୦ ହଜାରରୁ ୩୫ ହଜାର ଫୁଟ୍ ଉଚ୍ଚତାରେ ଉଡ଼ୁଥିବା ବିମାନଟି ଏବେ ସମୁଦ୍ରତଳରେ ରହିବା ଏକ ସ୍ୱପ୍ନ ସଦୃଶ ଅନୁଭୂତି। ୧୯୮୩ ମସିହାରେ ବାଣିଜ୍ୟିକ ସେବାରେ ଆସିଥିବା ୫୦ ମିଟର ଲମ୍ବା ଏବଂ ୫୦ ମିଟର ୱିଙ୍ଗସ୍ପାନ୍



ବିଶିଷ୍ଟ ଏହି ଲକହିଡ୍ ଏଲ୍-୧୦୧୧ ଟ୍ରାଇଷ୍ଟାର ବିମାନଟି, ସେବା ଶେଷ ପରେ ୨୦୧୯ ଅଗଷ୍ଟରେ ଉଦ୍ଦେଶ୍ୟପୂର୍ବକ ସମୁଦ୍ରରେ ବୁଡ଼ାଯାଇଥିଲା। ଆଜି ଏହି ବିମାନର କକପିଟ୍ ଓ ଯାତ୍ରୀ କେବିନ୍ ଭିତରେ ମାଛମାନେ ଗତି କରୁଛନ୍ତି, ପ୍ରବାଳ ଓ ସମୁଦ୍ରଜୀବ ଏହାକୁ ଏକ ସକ୍ରିୟ ଜଳଜ ପରିବେଶରେ ପରିଣତ କରିଛନ୍ତି। ଖୋଲା ସମୁଦ୍ରରେ ସାଧାରଣ ରିଫ୍ ଡାଇଭ୍‌ଠାରୁ ଲକହିଡ୍ ଟ୍ରାଇଷ୍ଟାର୍ ବିମାନର ଭିତରକୁ ପ୍ରବେଶ କରି ଡାଇଭିଂ କରିବା ସମ୍ପୂର୍ଣ୍ଣ ଭିନ୍ନ ଅନୁଭୂତି। ବିମାନର ଭିତର ଏକ ସୀମିତ ଓ ବନ୍ଦ ପରିବେଶ ହୋଇଥିବାରୁ ସେଠାରେ ସିଧାସଳଖ ପାଣି ଉପରକୁ ଉଠିଆସିବାର ସୁଯୋଗ ନଥାଏ। ଏପରି ପରିସ୍ଥିତିରେ ବିମାନ ସହ ସଂସ୍ପର୍ଶକୁ ଏଡ଼ାଇ ସୁରକ୍ଷିତ ଭାବେ ଚଳାଚଳ କରିବା ପାଇଁ ଡାଇଭରଙ୍କର ସଠିକ୍ ବ୍ୟୁଏନ୍ସି ନିୟନ୍ତ୍ରଣ ଅତ୍ୟନ୍ତ ଜରୁରୀ। ଏହି କାରଣରୁ କେବଳ ଆଡଭାନ୍ସଡ୍ ଓପନ୍ ୱାଟର ଡାଇଭର୍‌ମାନଙ୍କୁ ହିଁ ବିମାନର ଭିତରକୁ ପ୍ରବେଶ କରି ଡାଇଭିଂ କରିବାକୁ ଅନୁମତି ଦିଆଯାଏ।

ପ୍ରିୟଦର୍ଶୀ ଏସିଆ, ଆଫ୍ରିକା ଓ ୟୁରୋପର ବିଭିନ୍ନ ପ୍ରସିଦ୍ଧ ଡାଇଭ୍ ସ୍ଥଳରେ ଡାଇଭ୍ କରିଛନ୍ତି, ଯାହା ମଧ୍ୟରେ ମାଲଦୀପ, ମାଲେସିଆ, ଇଣ୍ଡୋନେସିଆ, ଦକ୍ଷିଣ ଆଫ୍ରିକା, ତାଞ୍ଜାନିଆ (ଜାଞ୍ଜିବାର) ଓ ସାଇପ୍ରସ୍ ଅନ୍ତର୍ଭୁକ୍ତ। ସେ ଓ ତାଙ୍କ ଝିଅ ତିଷ୍ୟା ପାଣିଗ୍ରାହୀ ଉଭୟେ ଏଡ୍‌ଭାନ୍ସଡ୍ ଓପନ୍ ୱାଟର୍ ଡାଇଭର୍ସ। ତିଷ୍ୟା ଜଣେ ଓଡ଼ିଆ ସ୍କୁବା ଡାଇଭର ଭାବେ ଅନେକ କୀର୍ତ୍ତିମାନଙ୍କର ଅଧିକାରିଣୀ। ପ୍ରିୟଦର୍ଶୀ ପୂର୍ବତନ ମନ୍ତ୍ରୀ ଓ ସାଂସଦ ସ୍ୱର୍ଗତ ଶ୍ରୀବଲ୍ଲଭ ପାଣିଗ୍ରାହୀ ଏବଂ ଶିକ୍ଷାବିଦ୍ ସ୍ୱର୍ଗତ ସୁନନ୍ଦା ପାଣିଗ୍ରାହୀଙ୍କ ପୁତ୍ର। ସେ ସମ୍ବଲପୁରର ପୂର୍ବତନ ବିଧାୟିକା ସ୍ୱର୍ଗତ ଡା. ରାସେଶ୍ୱରୀ ପାଣିଗ୍ରାହୀଙ୍କ ପୁତୁରା ମଧ୍ୟ ଅଟନ୍ତି।

# କର୍ଣ୍ଣେଲ ସୀତାଂଶୁଙ୍କୁ ସିନିୟର ଫ୍ୟାଶନ୍ ପେଜେଣ୍ଟ ଟାଇଟଲ

**ସମ୍ବଲପୁର, ୨୨।୬ (ସମିସ) :** ସମ୍ବଲପୁରର କର୍ଣ୍ଣେଲ ସୀତାଂଶୁ ଷଡ଼ଙ୍ଗୀ ସିନିୟର ଫ୍ୟାଶନ୍ ପେଜେଣ୍ଟ ଟାଇଟଲ ହାସଲ କରିଛନ୍ତି। ସିନିୟର ଫ୍ୟାଶନ୍ ପେଜେଣ୍ଟ ଇଣ୍ଡିଆ ୨୦୨୬ର ମହାସମାବେଶ ମୁମ୍ବାଇର ବାନ୍ଦ୍ରାର ବାଳଗନ୍ଧର୍ବ ରଙ୍ଗ ମନ୍ଦିରରେ ଆୟୋଜିତ ହୋଇଯାଇଛି। ଏହା ଭାରତର ସ୍ପନ୍ଦନଶୀଳ ବରିଷ୍ଠ ସମ୍ପ୍ରଦାୟର ସ୍ପିରିଟ୍, ଆତ୍ମବିଶ୍ୱାସ ଏବଂ ସୌନ୍ଦର୍ଯ୍ୟକୁ ପାଳନ କରୁଛି। ରେଖା ଦେଶାଇଙ୍କ ଦ୍ୱାରା ପ୍ରତିଷ୍ଠିତ, ଏହି ପ୍ଲାଟଫର୍ମ ଏକ ଦେଶବ୍ୟାପୀ ଆନ୍ଦୋଳନରେ ପରିଣତ ହୋଇଛି, ଯାହା ୫୦ ବର୍ଷ ଏବଂ ତର୍ଦ୍ଧ୍ୱର୍ ବୟସର ବ୍ୟକ୍ତିମାନଙ୍କୁ ନିଜକୁ ପୁନଃଆବିଷ୍କାର କରିବା, ନୂତନ ସ୍ୱପ୍ନ ଅନୁସରଣ କରିବା ଏବଂ ବୟସ-ସମ୍ବନ୍ଧୀୟ ଷ୍ଟେରିଓଟାଇପ୍‌କୁ ଚ୍ୟାଲେଞ୍ଜ କରିବା ପାଇଁ ସଶକ୍ତ କରିଥାଏ। ପୁରୁଷ ବର୍ଗରେ ସର୍ବୋଚ୍ଚ ସମ୍ମାନ ଟାଇଟିଲ ଓଡ଼ିଶା ସମ୍ବଲପୁରର କର୍ଣ୍ଣେଲ ସୀତାଂଶୁ ଷଡ଼ଙ୍ଗୀ ହାସଲ କରିଥିବାବେଳେ ମହିଳା ବର୍ଗରେ ଟାଇଟିଲ ପଞ୍ଜାବର ଲୁଧିଆନାର ରାଣୀ ପାନୱାରଙ୍କୁ ଦିଆଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ, କର୍ଣ୍ଣେଲ ଷଡ଼ଙ୍ଗୀଙ୍କ ଝିଅ ଶ୍ରୀୟଙ୍କା ଷଡ଼ଙ୍ଗୀ ଜଣେ ଅନ୍ତର୍ଜାତୀକ ସୁଟର।



# ସମଲେଇ ପୀଠରେ ପ୍ରେମୀଯୁଗଳଙ୍କ ଅଶ୍ଳୀଳ ଆଚରଣ, ଭିଡିଓ ଭାଇରାଲ

ସମ୍ବଲପୁର, ୨୨।୬ (ସମିସ)

ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ସମଲେଶ୍ୱରୀ ପୀଠରେ ପ୍ରେମୀଯୁଗଳଙ୍କ ପ୍ରେମ ନିଶା। ଭୁଲିଗଲେ ସୀମା ସରହଦ। ମନ୍ଦିର ପରିସରରେ ଥିବା ପ୍ରକଳ୍ପ ଅଞ୍ଚଳରେ ବସି କଲେ ଅଶ୍ଳୀଳ ଆଚରଣ। କିଛିଦିନ ପୁରୁଣା ଏଭଳି ଏକ ଭିଡିଓ ଏବେ ଭାଇରାଲ ହେବାର ଲାଗିଛି। ପ୍ରେମୀ ଯୁଗଳଙ୍କ ଏଭଳି ଅଶୋଭନୀୟ ଆଚରଣ ଦୀର୍ଘ ସମୟ ଧରି ଚାଲିଥିବା ଜଣାପଡୁଛି। ମନ୍ଦିର ଭଳି ପବିତ୍ର ସ୍ଥାନରେ ଏଭଳି ଆଚରଣ କରିବାକୁ ପ୍ରେମୀଯୁଗଳ ସାହସ କଲେ କିପରି ତାହା ହିଁ ପ୍ରଶ୍ନବାଚୀ? ପୁଣି ମନ୍ଦିର ପରିସରରେ ମାଳମାଳ ସୁରକ୍ଷା କର୍ମୀ ନିୟୋଜିତ ହୋଇଥିବାବେଳେ ଲାଗିଛି ସିସିଟିଭି। ଏଭଳି କାରନାମା କରିବା ସମୟରେ କାହାରି ଦୃଷ୍ଟି ପଡ଼ିଲା ନାହିଁ? କେହି ସେଠାରେ ପହଞ୍ଚି ସେମାନଙ୍କୁ ବାରଣ କଲେ ନାହିଁ କିପରି? ଏହାକୁ ନେଇ ଭକ୍ତ ଓ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଉଲ୍ଲେଖଯୋଗ୍ୟ ଯେ, ଗତ ମାର୍ଚ୍ଚ ମାସ ୬ ତାରିଖରେ ସମଲେଶ୍ୱରୀ ମନ୍ଦିରର ‘ଦୀପ ଘର’ ପଛରେ ମଦମାଂସର ଆସର ଜମିଥିଲା। ୩୦୦ରୁ ଅଧିକ ମଦ ବୋତଲ ଏବଂ ଅସ୍ଥାୟୀ ରୋଷେଇ ପାତ୍ର ମିଳିଥିଲା। ଭକ୍ତଙ୍କ ମଧ୍ୟରେ କ୍ରୋଧ ପ୍ରକାଶ ପାଇବାପରେ ସୁରକ୍ଷା ଏବଂ ପରିମଳ ସଂସ୍ଥାଗୁଡ଼ିକ ବିରୋଧରେ ତୁରନ୍ତ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ପୁରୋହିତ ଏବଂ ଶ୍ରଦ୍ଧାଳୁଙ୍କ ବିରୋଧ ପରେ, ସମ୍ବଲପୁର ମହାନଗର ନିଗମ କର୍ତ୍ତୃପକ୍ଷ ହସ୍ତକ୍ଷେପ କରି ତଦନ୍ତ ଆରମ୍ଭ କରିଥିଲେ।

ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମା’ ସମଲେଶ୍ୱରୀ। ଗତ ସରକାର ସମୟରେ ଏହି ପୀଠର ବିକାଶ ଓ ସୌନ୍ଦର୍ଯ୍ୟକରଣ ସକାଶେ ‘ସମଲେଇ’ ଯୋଜନା ଆରମ୍ଭ ହୋଇଥିଲା। ‘ସମଲେଇ’ ଯୋଜନାର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟଶେଷ ହୋଇ ଜାନୁଆରୀ ୨୦୨୪ରେ ଲୋକାର୍ପିତ ହୋଇଥିଲା। ସମଲେଶ୍ୱରୀ ପୀଠ ପରିସର ୪ ଏକରରୁ ୪୪ ଏକରକୁ ବୃଦ୍ଧି ପାଇଥିଲା। ମନ୍ଦିର ପରିସରରେ ଦୀପ ଘର, ଭୋଗ ଘର, ବିଶ୍ରାମ ଗୃହ, ଧାଡ଼ିବାନ୍ଧି ଦର୍ଶନ ସକାଶେ ବ୍ୟବସ୍ଥା, ଘଣ୍ଟାଟାୱାର, ମହାନଦୀ ଆଳତୀକୁ ଯିବାପାଇଁ ଫୁଟ୍ ଓଭର୍‌ବ୍ରିଜ୍, ମିଶନ ଶକ୍ତି କାଫେ ଆଦି ରହିଛି। ସମଗ୍ର ଅଞ୍ଚଳରେ ଗଛଲତା ଲାଗିବାସହ ଏକ ପୁଷ୍କରିଣୀ ମଧ୍ୟ ରହିଛି। ସମଗ୍ର ସମଲେଶ୍ୱରୀ ପୀଠ ବୁଲି ଦେଖିବା ପାଇଁ ବହୁତ ସମୟ ଲାଗିଥାଏ। ସମଲେଶ୍ୱରୀ ପୀଠର ସବୁ ଅଞ୍ଚଳରେ ସୁରକ୍ଷା କର୍ମୀମାନେ ନିୟୋଜିତ ହୋଇଛନ୍ତି। ସେମାନେ ଏକ ସୁରକ୍ଷା ସଂସ୍ଥା ଅଧୀନରେ କାର୍ଯ୍ୟ କରୁଛନ୍ତି।

### ମାଳ ମାଳ ସୁରକ୍ଷା କର୍ମୀ ଓ ସିସିଟିଭି କାହା ସ୍ୱାର୍ଥରେ?



ଏହାସହ ସମଗ୍ର ଅଞ୍ଚଳରେ ସିସିଟିଭି ଲାଗିଛି। ଏପରିସ୍ଥଳେ ପ୍ରେମୀଯୁଗଳଙ୍କ ଅଶୋଭନୀୟ ଆଚରଣ କାହାରି ନଜରରେ ନ ପଡ଼ିବା ଏକ ବିଡ଼ମ୍ବନା। ମନ୍ଦିର ଭଳି ଏକ ପବିତ୍ର ସ୍ଥାନକୁ ଆସି ପ୍ରେମୀ ଯୁଗଳ ଏଭଳି ଅଶ୍ଳୀଳ ଆଚରଣ କରିବାକୁ ସାହସ କରୁଛନ୍ତି। ସବୁଠୁ ବଡ଼ କଥା, ପ୍ରତ୍ୟେକ ଭକ୍ତଙ୍କ ଉପରେ କଡ଼ା ନଜର ରଖାଯିବାସହ ଏହା ଏକ ପବିତ୍ର ସ୍ଥାନ ଏବଂ ପାର୍କ ବା ଅବସର ବିନୋଦନ କେନ୍ଦ୍ର ନୁହେଁ ବୋଲି ସେମାନଙ୍କୁ ସତର୍କ ଓ ସଚେତନ କରିବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ମତପ୍ରକାଶ ପାଉଛି। ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡର ସଭାପତି ସଞ୍ଜୟ କୁମାର ବାବୁ ଏହି ଘଟଣାକୁ ଦୃଢ଼ ନିନ୍ଦା କରିବାସହ କହିଛନ୍ତି ଯେ, ମନ୍ଦିର ଏକ ଆଧ୍ୟାତ୍ମିକସ୍ଥଳୀ ଓ ଶ୍ରଦ୍ଧାଳୁଙ୍କ ଆସ୍ଥାର କେନ୍ଦ୍ର। ଏହା କୌଣସି ପାର୍କ ବା ମନୋରଞ୍ଜନର ସ୍ଥାନ ନୁହେଁ। ମନ୍ଦିର ପରିସରରେ ଆଧ୍ୟାତ୍ମିକ ପରିବେଶ ବଜାୟ ରଖିବା ପାଇଁ ଟ୍ରଷ୍ଟ ବୋର୍ଡ ପକ୍ଷରୁ ଭଜନ ଓ ମନ୍ତ୍ରର ବ୍ୟବସ୍ଥା କରାଯାଇଥିଲେ ମଧ୍ୟ କିଛି ଭକ୍ତଙ୍କ ଏଭଳି ଆଚରଣ ଅନ୍ୟ ଶ୍ରଦ୍ଧାଳୁମାନଙ୍କ ଭାବନାକୁ ଆଘାତ ପହଞ୍ଚାଉଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ଭାଇରାଲ ଭିଡିଓଟି ମନ୍ଦିରର ପିଲଗ୍ରିମ ସେଣ୍ଟର ପଛପାଖର ବୋଲି ଜଣାପଡୁଛି। ଉକ୍ତ ସ୍ଥାନଟି ସିସିଟିଭି କ୍ୟାମେରାର ନଜରରେ ନାହିଁ। ବର୍ତ୍ତମାନ ମନ୍ଦିରରେ ୩୮ଟି ସିସିଟିଭି ମଧ୍ୟରୁ ୩୨ଟି କାର୍ଯ୍ୟକ୍ଷମ ରହିଛି ଏବଂ ଟ୍ରଷ୍ଟ ବୋର୍ଡ ପକ୍ଷରୁ ଅଧିକ ୭୮ଟି ସିସିଟିଭି କ୍ୟାମେରା ଲଗାଇବାକୁ ପ୍ରଶାସନକୁ ପ୍ରସ୍ତାବ ଦିଆଯାଇଛି। ସୁରକ୍ଷା ଦାୟିତ୍ୱରେ ଥିବା ଏଜେନ୍ସି ଏବଂ ସୁରକ୍ଷା କର୍ମୀମାନଙ୍କୁ ଅଧିକ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିବା ସଭାପତି ଶ୍ରୀ ବାବୁ ସୂଚନା ଦେଇଛନ୍ତି।

# ଆଇଜିଏଚ୍‌ରେ ହାଇପାୱାର ଲେଜରଥେରାପି ଶୁଭାରମ୍ଭ

**ରାଉରକେଲା, ୨୨।୬(ସମିସ):** ଉନ୍ନତ ପୁନର୍ବାସ ଏବଂ ଯନ୍ତ୍ରଣା ପ୍ରଶମନ ସେବାକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ରାଉରକେଲା ଇସ୍ପାତ କାରଖାନାର ଇସ୍ପାତ ଜେନେରାଲ ହସ୍ପିଟାଲ ଏହାର ଫିଜିଓଥେରାପି ଏବଂ ପୁନର୍ବାସ କେନ୍ଦ୍ରରେ 'ହାଇ-ପାୱାର ଲେଜରଥେରାପି'ର ଶୁଭାରମ୍ଭ କରିଛି। ନୂତନଭାବେ ସ୍ଥାପିତ କରିବା ପାଇଁ କେନ୍ଦ୍ରୀଭୂତ ଆଲୋକ ଶକ୍ତିର ବ୍ୟବହାର କରାଯାଏ। ପଶ୍ଚିମ ଓଡ଼ିଶାର ବହୁତ କମ୍ ମେଡିକାଲରେ ଉପଲବ୍ଧ ଥିବା ଏହି ପ୍ରଯୁକ୍ତିବିଦ୍ୟା, ଆଇଜିଏଚ୍‌ରେ ଉପଲବ୍ଧ ବ୍ୟାପକ ପୁନର୍ବାସ ସେବାକୁ ଆହୁରି ମଜବୁତ କରିଛି। ରୋଗୀମାନେ ଏବେ ନିଜ ଘର ପାଖରେ ଏହି ଉନ୍ନତ ଫିଜିଓଥେରାପି ସେବା ପାଇପାରିବେ,



ଯାହାଫଳରେ ସେମାନଙ୍କୁ ଏହି ବିଶେଷଜ୍ଞ ଚିକିତ୍ସା ପାଇଁ ମେଟ୍ରୋ ସହରଗୁଡ଼ିକୁ ଯିବାର ଆବଶ୍ୟକତା ହ୍ରାସ ପାଇବ। ଡାକ୍ତର ସଞ୍ଜୟ କୁମାର ତିୱାରୀଙ୍କ ନେତୃତ୍ୱରେ ବି.ଏନ୍. ପଣ୍ଡା ଏବଂ ପ୍ରେମାନନ୍ଦଙ୍କୁ ନେଇ ଗଠିତ ଏହି ନିଷ୍ଠାପର ଫିଜିଓଥେରାପି ଦଳ ଉତ୍କୃଷ୍ଟ କ୍ଲିନିକାଲ୍ ପରିଣାମ ସହିତ ଏହି ହାଇପାୱାର ଲେଜର ଥେରାପି ସିଷ୍ଟମ୍, ଯନ୍ତ୍ରଣା ଏବଂ ମାଂସପେଶୀ ତଥା ଅସ୍ଥି ସମ୍ବନ୍ଧୀୟ ସମସ୍ୟାର ପ୍ରଭାବଶାଳୀ ଓ ବିନା ଅସ୍ତ୍ରୋପଚାର ଚିକିତ୍ସା ଚାହୁଁଥିବା ରୋଗୀମାନଙ୍କ ପାଇଁ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଆଣିଦେଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଏହି ଉନ୍ନତ ଚିକିତ୍ସା ପଦ୍ଧତିରେ ଯନ୍ତ୍ରଣା ହ୍ରାସ କରିବା, ପ୍ରଦାହ କମାଇବା, ଟିସୁ ମରାମତିକୁ ପ୍ରୋତ୍ସାହିତ କରିବା ଏବଂ ଆରୋଗ୍ୟ ପ୍ରକ୍ରିୟାକୁ ତ୍ୱରାନ୍ୱିତ ବ୍ୟକ୍ତିଗତ ତଥା ପ୍ରମାଣ-ଭିତ୍ତିକ ପୁନର୍ବାସ ସେବା ଯୋଗାଇବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ହାଇପାୱାର ଲେଜରଥେରାପି ସିଷ୍ଟମର ସଂଯୋଗ ସହିତ, ଇସ୍ପାତ ଜେନେରାଲ ହସ୍ପିଟାଲ୍ ଉଚ୍ଚମାନର ପୁନର୍ବାସ ସେବା ପ୍ରଦାନ କରିବା ପାଇଁ ଅନୁଭବ, ବିଶେଷଜ୍ଞତା ଏବଂ ଆଧୁନିକ ପ୍ରଯୁକ୍ତିବିଦ୍ୟାର ସମନ୍ୱୟ ରକ୍ଷା କରିବାର ନିଜର ପରମ୍ପରାକୁ ଜାରି ରଖିଛି।

# ଆର୍‌ଏସ୍‌ପିରେ ଷ୍ଟାର୍ଟଅପ୍-ଶିଳ୍ପ ଆଲୋଚନାଚକ୍ର



**ରାଉରକେଲା, ୨୨।୬(ସମିସ):** ସଫ୍ଟୱେର୍ ଟେକ୍ନୋଲୋଜି ପାର୍କସ ଅଫ୍ ଇଣ୍ଡିଆ(ଏସ୍‌ଟିପିଆଇ), ଭୁବନେଶ୍ୱର, ଏହାର ସେଣ୍ଟର ଅଫ୍ ଆଣ୍ଟ୍ରପ୍ରିନରସିପ୍, ଏମ୍‌ଟେକ ସିଓଇ ଏବଂ ଇଲେକ୍ଟ୍ରୋପ୍ରିନର ପାର୍କ ସିଓଇ ମାଧ୍ୟମରେ ରାଉରକେଲା ଇସ୍ପାତ କାରଖାନା ଠାରେ ଏକ ଷ୍ଟାର୍ଟଅପ୍ ଶିଳ୍ପ ଆଲୋଚନାଚକ୍ର ଆୟୋଜନ କରିଥିଲା। ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସହଭାଗୀତାର ସୁଯୋଗ ସୃଷ୍ଟି କରିବା ଏବଂ ଇସ୍ପାତ କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟାର ବ୍ୟବହାରକୁ ତ୍ୱରାନ୍ୱିତ କରିବା। ଏହି କାର୍ଯ୍ୟକ୍ରମରେ କାରଖାନାର ନିର୍ବାହୀ ନିର୍ଦ୍ଦେଶକ (କାର୍ଯ୍ୟ) ବିଶ୍ୱରଞ୍ଜନ ପଲାଇ, ନିର୍ବାହୀ ନିର୍ଦ୍ଦେଶକ (ପ୍ରକଳ୍ପ) ସୁଦୀପ ପାଲ୍ ଚୌଧୁରୀ, ଅନେକ ବରିଷ୍ଠ ଅଧିକାରୀ, ଏସଟିପିଆଇ-ଭୁବନେଶ୍ୱରର ନିର୍ଦ୍ଦେଶକ ମାନସରଞ୍ଜନ ପଣ୍ଡା ଓ ଏସଟିପିଆଇ-ଭୁବନେଶ୍ୱରର ପ୍ରତିନିଧିମାନଙ୍କ ସହ ଅଂଶଗ୍ରହଣ କରିଥିବା ଷ୍ଟାର୍ଟଅପ୍‌ଗୁଡ଼ିକର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ମାନସ ରଞ୍ଜନ ପଣ୍ଡା, ଇନ୍‌କ୍ୟୁବେସନ, ମାର୍ଗଦର୍ଶନ ଏବଂ ଶିଳ୍ପ ସଂଯୋଗ ପଦକ୍ଷେପ ମାଧ୍ୟମରେ ଭାରତର ନବୋନ୍ମେଷ ବା ଇନୋଭେସନ ଇକୋସିଷ୍ଟମକୁ ସୁଦୃ? କରିବାରେ ଏସଟିପିଆଇର ଭୂମିକା ବିଷୟରେ ଉଲ୍ଲେଖ କରିବା ସହ ଓଡ଼ିଶାର ଅଭିବୃଦ୍ଧିଶୀଳ ବୈଷୟିକ ପରିବେଶ ଉପରେ ଆଲୋକପାତ କରିଥିଲେ। ଏହି ଆଲୋଚନା ଚକ୍ର ଷ୍ଟାର୍ଟଅପ୍‌ଗୁଡ଼ିକ ପାଇଁ ସେମାନଙ୍କର ପ୍ରାରମ୍ଭିକ ବ୍ୟବହାର-ଉପଯୋଗୀ ପ୍ରଯୁକ୍ତିବିଦ୍ୟାର ପ୍ରଦର୍ଶନ କରିବା ଏବଂ ଆର୍‌ଏସ୍‌ପି. ସହିତ ସମ୍ଭାବ୍ୟ ସହଭାଗୀତା କ୍ଷେତ୍ର ବିଷୟରେ ଆଲୋଚନା କରିବା ପାଇଁ ଏକ ମଞ୍ଚ ସୃଷ୍ଟି କରିଥିଲା। ଏଥିରେ କାର୍ଯ୍ୟ ଦକ୍ଷତା, ସୁରକ୍ଷା ଏବଂ ପରିବେଶଗତ ପ୍ରଦର୍ଶନରେ ଉନ୍ନତି ଆଣିବା ଉଦ୍ଦେଶ୍ୟରେ ପାଇଲଟ୍ ପ୍ରୋଜେକ୍ଟ, ଫିଲ୍ଡ ଟ୍ରାଏଲ୍ ଏବଂ କାର୍ଯ୍ୟକାରୀ କରିବାର ମାର୍ଗ ଅନ୍ତର୍ଭୁକ୍ତ ଥିଲା। ଇସ୍ପାତ ଉତ୍ପାଦନର ମୂଲ୍ୟ ଶୃଙ୍ଖଳା ମଧ୍ୟରେ ପ୍ରତିଯୋଗିତାମୂଳକ ମନୋଭାବ ଏବଂ ସ୍ଥିରତାକୁ ବୃଦ୍ଧି କରିବା ପାଇଁ ନବୋନ୍ମେଷ-ଭିତ୍ତିକ ସହଭାଗିତାକୁ ଆଗେଇ ନେବାର ପାରସ୍ପରିକ ପ୍ରତିବଦ୍ଧତା ସହ ଏହି କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା।

# ପ୍ରଧାନମନ୍ତ୍ରୀ ଆବାସ ଅପେକ୍ଷାରେ ଦମୟନ୍ତୀଙ୍କ ପରିବାର



**ବଣାଇଁ, ୨୨।୬(ସମିସ):** ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନା ଗ୍ରାମାଞ୍ଚଳରେ ପହଞ୍ଚୁଥିବାବେଳେ ସୁନ୍ଦରଗଡ଼ ଜିଲ୍ଲା ବଣାଇଁ ଉପଖଣ୍ଡ ଗୁରୁଣ୍ଡିଆ ବ୍ଲକ ଅଧୀନ ଝାରବେଡା ଗ୍ରାମର ଦମୟନ୍ତୀ ସାହୁ ଓ କିଶୋର ସାହୁଙ୍କ ୭ ସଦସ୍ୟ ବିଶିଷ୍ଟ ପରିବାର ଏବେ ମଧ୍ୟ ପ୍ରଧାନମନ୍ତ୍ରୀ ଆବାସ ଘର ପାଇଁ ଅପେକ୍ଷାରେ ରହିଛନ୍ତି। ଦମୟନ୍ତୀ ଓ ତାଙ୍କ ସ୍ୱାମୀ କିଶୋର ସାହୁ ଚାଷ କାମ ସହିତ ମୂଲ ମଜୁରୀ କରି ପରିବାର ପ୍ରତିପୋଷଣ କରୁଛନ୍ତି। ଆର୍ଥିକ ଦୁର୍ବଳତା କାରଣରୁ ସେମାନେ ଏପର୍ଯ୍ୟନ୍ତ ଏକ ପକ୍କା ଘର ନିର୍ମାଣ କରିପାରିନାହାନ୍ତି। ପୁରୁଣା ଓ ଜରାଜୀର୍ଣ୍ଣ ଘରେ ବାସ କରୁଥିବାରୁ ବର୍ଷା ଓ ଅନ୍ୟାନ୍ୟ ପ୍ରତିକୂଳ ପରିସ୍ଥିତିରେ ସେମାନଙ୍କୁ ନାନା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଘର ଖଣ୍ଡିଏ ପାଇବା ଆଶାରେ ଦମୟନ୍ତୀ ସାହୁ ଗତ ମାର୍ଚ୍ଚ ୨୩ ତାରିଖରେ ବଣାଇଁଠାରେ ଆୟୋଜିତ ଜିଲ୍ଲାପାଳଙ୍କ ଜନଶୁଣାଣିରେ ଅଭିଯୋଗ ଦାଖଲ କରିଥିଲେ। ସେତେବେଳେ ସମ୍ପୃକ୍ତ ଅଧିକାରୀମାନେ ତିନି ମାସ ମଧ୍ୟରେ ସମସ୍ୟାର ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ତିନି ମାସ ପୂରଣ ହେବାକୁ ବସିଥିଲେ ମଧ୍ୟ ଏପର୍ଯ୍ୟନ୍ତ ପରିବାରଟି କୌଣସି ସୁଫଳ ପାଇନଥିବା ଅଭିଯୋଗ କରିଛନ୍ତି। ବର୍ଷା ଋତୁ ଆରମ୍ଭ ହୋଇଥିବାରୁ ଜରାଜୀର୍ଣ୍ଣ ଘରେ ବାସ କରିବା ଅଧିକ କଷ୍ଟକର ହୋଇପଡ଼ିଛି। ତେଣୁ ଦମୟନ୍ତୀଙ୍କ ପରିବାରକୁ ଯଥାଶୀଘ୍ର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରି ପକ୍କାଘର ପ୍ରଦାନ କରିବାକୁ ସ୍ଥାନୀୟ ଅଞ୍ଚଳରେ ଦାବି ଜୋର ଧରିଛି। ଏନେଇ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଉପଯୁକ୍ତ ପଦକ୍ଷେପ ନେବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି।

## ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷାଙ୍କ ସୁନ୍ଦରଗଡ଼ ଗସ୍ତ

# ଶିଶୁ ଶ୍ରମମୁକ୍ତ ଜିଲ୍ଲା ଓ ରାଜ୍ୟ ଗଠନ ଉପରେ ଗୁରୁତ୍ୱାରୋପ

**ସୁନ୍ଦରଗଡ଼, ୨୨।୬(ସମିସ)**

ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷା ଏବଂ ସଭ୍ୟଙ୍କ ସୁନ୍ଦରଗଡ଼ ଗସ୍ତ ଅବସରରେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଓ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାକୁ ଶ୍ରମମୁକ୍ତ କରିବା ନେଇ ଆଲୋଚନା କରାଯାଇଥିଲା। ଅଧ୍ୟକ୍ଷା ବବିତା ପାତ୍ର, ସଭ୍ୟ କଳ୍ପନା ଲେଙ୍କା, ଜିଲ୍ଲାପାଳ ଡା. ଶୁଭଙ୍କର ମହାପାତ୍ର, ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ରିନତୀ ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ସୁରଜ ପଟ୍ଟନାୟକ, ତେଜସ୍ୱନୀ ବେହେରା, ରାଉରକେଲାର ଅତିରିକ୍ତ ଆରକ୍ଷୀ



ଅଧିକ୍ଷକ ଶ୍ରାବଣୀ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ବୈଠକରେ ଜିଲ୍ଲାପାଳ ଡା. ମହାପାତ୍ର ଶିଶୁଶ୍ରମ ଉଚ୍ଛେଦ ନିମନ୍ତେ ବ୍ୟାପକ ଜନସଚେତନତା ସୃଷ୍ଟି ଉପରେ ଆଲୋଚନା କରିଥିଲେ ଏବଂ ଅଧାରୁ ପାଠ ଛାଡୁଥିବା ଶିଶୁମାନଙ୍କୁ ପୁନଶ୍ଚ ବିଦ୍ୟାଳୟକୁ ଫେରାଇ ଆଣିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଅଧ୍ୟକ୍ଷା ଶ୍ରୀମତୀ ପାତ୍ର ସମସ୍ତ ବିଭାଗ ସହିତ ସମନ୍ୱୟ ରକ୍ଷା କରି ଏକ ଶିଶୁ ଶ୍ରମମୁକ୍ତ ଜିଲ୍ଲା ଏବଂ ରାଜ୍ୟ ଗଠନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିଭଳି ଶିଶୁ ଚାଲାଣ ଆଦିକୁ ରୋକିବା ନିମନ୍ତେ ଟାସ୍କଫୋର୍ସ ଗଠନ ସହିତ ବ୍ୟାପକ ଏନ୍‌ଫୋର୍ସମେଣ୍ଟ ଉପରେ ମଧ୍ୟ ଆଲୋଚନା କରିଥିଲେ। ଏହି ଅବସରରେ ଜ୍ୟୋତିପ୍ରକାଶ ବ୍ରହ୍ମା ବିଶେଷଜ୍ଞ ଭାବେ ଯୋଗ ଦେଇ ଶିଶୁ ଶ୍ରମ ନିବାରଣ ଆଇନ ୧୯୮୬ ଉପରେ ଉପସ୍ଥାପନ କରିଥିଲେ। ବୈଠକରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀବନ୍ତ ଜେନା, ଜିଲ୍ଲା ଶ୍ରମ ଅଧିକାରୀ ଗୋପାଳ ମଙ୍ଗରାଜ, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ବିଭିନ୍ନ ଥାନା ଅଧୀନ ପୁଲିସ ଅଧିକାରୀ, ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ଓ ସଭ୍ୟ, ସମସ୍ତ ସିଡିପିଓ ଏବଂ ବିଭିନ୍ନ ସାମାଜିକ ସଂଗଠନର କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।

# ରାଷ୍ଟ୍ରପତିଙ୍କୁ ରମେଶ ଚନ୍ଦ୍ର ପାତ୍ରଙ୍କ ଦ୍ୱାରା ଜନ୍ମଦିନର ଉପହାର

**ରାଉରକେଲା, ୨୨।୬(ସମିସ):** ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଜନ୍ମ ଦିବସରେ ଅଲ୍ ଇଣ୍ଡିଆ ସାନ୍ତାଳ ରାଇଟର ଆସୋସିଏସନ ତରଫରୁ ଅଗ୍ରିମ ଶୁଭେଚ୍ଛା ପ୍ରଦାନ ଅବସରରେ ଚିତ୍ରଶିଳ୍ପୀ ରମେଶ ଚନ୍ଦ୍ର ପାତ୍ରଙ୍କ ଅଙ୍କିତ ଚିତ୍ରକଳା ଉପହାର ପ୍ରଦାନ କରିଛନ୍ତି। ଏହି ଚିତ୍ରକଳାରେ ଶ୍ରୀ ପାତ୍ର କାନଭାସର ମଧ୍ୟସ୍ଥଳରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିଛବି ସହ ୧୯୨୫ ମସିହାରେ ଉଦ୍ଭାବନ କରିଥିବା ସାନ୍ତାଳୀ ବର୍ଣ୍ଣମାଳା (ଅଲଚିକି)କୁ ବାମ, ଦକ୍ଷିଣ ଓ ତଳ ପାର୍ଶ୍ୱରେ ଆଙ୍କିଛନ୍ତି। ପଣ୍ଡିତ ମୁର୍ମୁଙ୍କ ରଚିତ ପୁସ୍ତକ ବିଦୁଚନ୍ଦନ, ଖେରୱାଲ ବୀର, ଦାଳେ ଗେ ଧନ, ସିଦୁ କାନହୁ ସାନ୍ତାଳ ହୁଲ, ଓଲ ଜଂଗ ଲାଗିଦ ଅଲ୍, ଅଲ୍ ଚେମେଦ ଆଦି ପୁସ୍ତକର ନାମ ଉଲ୍ଲେଖ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ପଣ୍ଡିତ ମୁର୍ମୁ ୧୯୬୪ରେ ଆସେକା ଅନୁଷ୍ଠାନ ପ୍ରତିଷ୍ଠା କରିଥିଲେ। ଆସେକାର କିଛି ସଦସ୍ୟଙ୍କ ସହ ଓଡ଼ିଶା, ବିହାର, ପଶ୍ଚିମବଙ୍ଗରେ ଭ୍ରମଣ କରି ସଭାକରି ଜନସାଧାରଣଙ୍କୁ ଲିପିର ଆବଶ୍ୟକ ତାକୁ ଅଙ୍କନ, ଭାଷଣ ଓ ଗୀତ ମାଧ୍ୟମରେ ବୁଝାଇ ଥିଲେ। ସଭାରେ ଗାନ କରାଯାଇଥିବା ଗୀତ (ଲାକଚର ସେରେଞ୍ଜ)କୁ ମଧ୍ୟ କ୍ୟାନଭାସର ଉପର ଭାଗରେ ଅଲଚିକି ଲିପିରେ ସ୍ଥାନ ଦିଆଯାଇଛି। ଏହି ଚିତ୍ରକଳା ମାଧ୍ୟମରେ ପଣ୍ଡିତ ମୁର୍ମୁଙ୍କ ବିଷୟରେ ବହୁତଥ୍ୟ ଜାଣିହେବ। ଜନ୍ମଦିନର ଅଗ୍ରିମ ଶୁଭେଚ୍ଛା ଜଣାଇବା ପାଇଁ ଅଲଇଣ୍ଡିଆ ସାନ୍ତାଳ ରାଇଟର ଆସୋସିଏସନର ସମ୍ପାଦକ ଅର୍ଜୁନ ମାର୍ଣ୍ଡି, ସଭାପତି ସରୋଜ କୁମାର ସରେନ, କୋଷାଧ୍ୟକ୍ଷ ହାଜକ୍ଷମ ବାସ୍କେ, ଦ୍ୱିଜପଦ ହାଁସଦା, ପଦ୍ମଶ୍ରୀ ଦମୟନ୍ତୀ ବେସରା, ପୂର୍ଣ୍ଣଚନ୍ଦ୍ର ହେମ୍ବ୍ରମ, ଫୁଲମଣୀ ହେମ୍ବ୍ରମ ଓ ଚିତ୍ରାଶିଳ୍ପୀ ରମେଶ ଚନ୍ଦ୍ର ପାତ୍ର ଅଗ୍ରିମ ଶୁଭେଚ୍ଛା ପ୍ରଦାନ କରିଥିଲେ। ରାଉରକେଲାର ସାନ୍ତାଳୀ କବି, ଲେଖକ, ଅନୁବାଦକ ଓ ଚିତ୍ରାଶିଳ୍ପୀ ରମେଶ ଚନ୍ଦ୍ର ପାତ୍ର ୯ ଜୁଲାଇ ୧୯୫୮ ମସିହାରେ ମୟୂରଭଞ୍ଜ ଜିଲ୍ଲାର ବାହାଲଦାରୋଡ଼ ନିକଟସ୍ଥ ହେଁସଡା (ତାରଣା) ଗ୍ରାମରେ ଜନ୍ମିଥିଲେ। ୧୯୭୮ ମସିହାରୁ ସାନ୍ତାଳୀ ଭାଷାରେ ଲେଖିବାକୁ ଆରମ୍ଭ କରିଥିଲେ। ନିଜସ୍ୱ ସମ୍ପାଦନାରେ ଅଲଚିକି ଲିପିରେ 'ସାରଥୀ' ସାହିତ୍ୟ ପତ୍ରିକା ପ୍ରକାଶ କରୁଛନ୍ତି। ରାଞ୍ଚିରୁ ପ୍ରକାଶିତ 'ଆଖଲା' ପତ୍ରିକାରେ ସାନ୍ତାଳୀ ବିଭାଗର ସମ୍ପାଦନା କରିଛନ୍ତି। ତାଙ୍କର ପ୍ରଥମ ପୁସ୍ତକ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୀବନୀ ଉପରେ ଆଧାରିତ 'ଅଲଚିକିର ଜନ୍ମଦାତା' ପ୍ରକାଶି ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ହୋଇଛି। ପ୍ରଥମ ସାନ୍ତାଳୀ ପୁସ୍ତକ ଯଦୁମଣି ବେଶ୍ରାଙ୍କର 'ଭାବନା' ର ଓଡ଼ିଆ ଅନୁବାଦ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ଗୌରହରି ଦାସଙ୍କ ନିଜସଙ୍ଗେ ନିଜର ଲଢ଼େଇର ସାନ୍ତାଳୀ



ଅନୁବାଦ ୨୦୨୩ ରେ ପ୍ରକାଶିତ। ଏବର୍ଷ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ସାନ୍ତାଳୀ ନାଟକ ବିଦୂଚାନ୍ଦାନ ସାହିତ୍ୟ ଏକାଡେମୀ ଦ୍ୱାରା ଓଡ଼ିଆରେ ପ୍ରକାଶ ପାଇବ। ଶ୍ରୀ ପାତ୍ର ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଲିଖିତ ଚାରିଟି ନାଟକ ଓ ଦୁଇଟି କାବ୍ୟକୁ ସାନ୍ତାଳୀରୁ ଓଡ଼ିଆରେ ଅନୁବାଦ କରିଛନ୍ତି। ଦେଢ଼ଶହରୁ ଅଧିକ ସାନ୍ତାଳୀ କବିତାକୁ ଓଡ଼ିଆରେ ଅନୁବାଦ କରିଛନ୍ତି। ବହୁ ଓଡ଼ିଆ କବିତା ଓ ଗଳ୍ପକୁ ସାନ୍ତାଳୀ ଭାଷାରେ ଅନୁବାଦ କରିଛନ୍ତି। ତାଙ୍କର ବହୁ ଓଡ଼ିଆ ଓ ସାନ୍ତାଳୀ ମୌଳିକ ରଚନା ଏବଂ ଅନୁବାଦ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହୋଇଛି ଓ ପ୍ରକାଶିତ ହେଉଛି। ମହାନ ଚିତ୍ରାଶିଳ୍ପୀ ଜସପାଲ ସିଂଙ୍କ ନିକଟରୁ ୧୯୭୯ରେ ଚିତ୍ରକଳା ଶିକ୍ଷା ଗ୍ରହଣ କରି ୧୯୯୦ ମସିହାରେ କୋଲକାତାର ଏକାଡେମୀ ଅଫ୍ ଫାଇନ ଆର୍ଟସରେ ପ୍ରଥମ ଏକକକଳା ପ୍ରଦର୍ଶନୀ, ୧୯୯୧ ମସିହାରେ ରାଉରକେଲା ସାରନଗରୀରେ ଦ୍ୱିତୀୟ ଓ ୨୦୨୬ ମସିହାରେ ଭୁବନେଶ୍ୱରର ରବୀନ୍ଦ୍ର ମଣ୍ଡପରେ ତୃତୀୟ ଏକକ ପ୍ରଦର୍ଶନୀ ସହ ବିଭିନ୍ନ କଳା ପ୍ରଦର୍ଶନୀ ଓ ଶିଳ୍ପୀ ଶିବିରରେ ଅଂଶଗ୍ରହଣ କରି ପ୍ରଶଂଶିତ ହୋଇଛନ୍ତି। ସାହିତ୍ୟ ଓ ଚିତ୍ରକଳା ପାଇଁ ବିଭିନ୍ନ ଅନୁଷ୍ଠାନ ଦ୍ୱାରା ସେ ସମ୍ମାନିତ ହୋଇଛନ୍ତି। ସମ୍ପ୍ରତି ସେ ରାଉରକେଲା ଆର୍ଟ ସୋସାଇଟିର ସଭାପତି, ଜସପାଲ ସ୍ମୃତି ଚିତ୍ରାଳୟର ଅଧ୍ୟକ୍ଷ ଦାୟିତ୍ୱ ସହ ବିଭିନ୍ନ ଅନୁଷ୍ଠାନ ସହ ଜଡ଼ିତ ଅଛନ୍ତି।

# ଆଇଜିଏଚ୍‌ରେ ସର୍ପଦଂଶନ ଓ ସ୍କ୍ରବ୍ ଟାଇଫସ୍ ଚିକିତ୍ସା

**ରାଉରକେଲା, ୨୨।୬(ସମିସ):** ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ର ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ୍)ର ଡାକ୍ତରମାନେ ଏକ ଅତ୍ୟନ୍ତ ଜଟିଳ ମେଡିକାଲ କେସ୍‌କୁ ସଫଳତାର ସହ ସମାଧାନ କରିଛନ୍ତି, ଯେଉଁଥିରେ ସୁନ୍ଦରଗଡ଼ ଜିଲ୍ଲାର ଚାନ୍ଦିପୋଷର ୧୩ ବର୍ଷୀୟ ଆୟୁଷ ଖାଲଖୋ ନାମକ ଏକ ବାଳକ ସର୍ପଦଂଶନ ପରେ ଗମ୍ଭୀର ଅବସ୍ଥାରେ ଭର୍ତ୍ତି ହୋଇଥିଲା ଏବଂ ପରେ ତାହାକୁ ସ୍କ୍ରବ ଟାଇଫସ୍ ସମ୍ବନ୍ଧୀୟ ଏନସେଫାଲାଇଟିସ୍ (ମସ୍ତିଷ୍କକୁ ପ୍ରଭାବିତ କରୁଥିବା ଏକ ସମ୍ଭାବ୍ୟ ଜୀବନ-ବିପଦଜନକ ସଂକ୍ରମଣ) ରୋଗରେ ପୀଡ଼ିତ ଥିବା ଚିହ୍ନଟ ହୋଇଥିଲା। ଏହି ବାଳକ ଆରୋଗ୍ୟ ଆଶାୟୀକୁ ସର୍ପଦଂଶନ ଓ ନିୟମିତ ଜ୍ୱର ସହିତ ଆଇଜିଏଚ୍‌କୁ ଆଣାଯାଇଥିଲା, ପରେ ବାଳକର ଶାରୀରିକ ଅବସ୍ଥା ତୀବ୍ର ମାତ୍ରାରେ ଖରାପ ହେବାସହିତ ବାଳକର ଚେତନାସ୍ତରରେ ପରିବର୍ତ୍ତନ ଓ ସ୍ନାୟୁ ସମ୍ବନ୍ଧୀୟ ଅସୁସ୍ଥ ଲକ୍ଷଣ ଦେଖାଦେଇଥିଲା, ଯାହା ପାଇଁ କ୍ଷିପ୍ର ମନିଟରିଂ ଓ ଉନ୍ନତ ଲାଇଫ୍ ସପୋର୍ଟର ଆବଶ୍ୟକତା ପଡ଼ିଥିଲା। ଅଧିକ ଅନୁସନ୍ଧାନରୁ ସ୍କ୍ରବ ଟାଇଫସ୍ ଆଇଜିଏମ୍ ପଜିଟିଭ୍ ଥିବା ଜଣାପଡ଼ିଥିଲା, ଆଉ ସେରେବ୍ରୋସ୍ପାଇନଲ୍ ଫ୍ଲୁଇଡ୍ (ସିଏସ୍‌ଏଫ୍) ପରୀକ୍ଷାରେ ସ୍କ୍ରବ ଏନସେଫାଲାଇଟିସ୍‌ର ସୂଚନା ମିଳିଥିଲା, ଯାହା ମସ୍ତିଷ୍କ ଓ ସ୍ନାୟୁ ତନ୍ତ୍ରକୁ ପ୍ରଭାବିତ କରିପାରୁଥିବା ଏକ ଗମ୍ଭୀର ଜଟିଳତା। ଯେକୌଣସି ଗୋଟିଏ ରୋଗକୁ ଏକକ ଭାବେ ପରିଚାଳନା କରିବା ଏକ ଆହ୍ୱାନ ହୋଇଥିବାବେଳେ, ସର୍ପ ବିଷ ପ୍ରଭାବ ଓ ସ୍କ୍ରବ ଟାଇଫସ୍ ସମ୍ବନ୍ଧୀୟ ମସ୍ତିଷ୍କ ଆକ୍ରାନ୍ତିର ଏକାସାଙ୍ଗରେ ଉପସ୍ଥିତି ଏହି ମାମଲାକୁ ଅଧିକ ଜଟିଳ କରିଦେଇଥିଲା, ଯେଉଁଥି ପାଇଁ ବହୁବିଭାଗୀୟ ଚିକିତ୍ସା ଯତ୍ନର ଆବଶ୍ୟକତା ପଡ଼ିଥିଲା। ରୋଗୀକୁ ଇଣ୍ଟେନସିଭ୍ କେୟାର ୟୁନିଟ୍ (ଆଇସିୟୁ)ରେ ଉନ୍ନତ ଗମ୍ଭୀର ଚିକିତ୍ସା ଯତ୍ନ ସହ ଚିକିତ୍ସା କରାଯାଇଥିଲା, ଯେଉଁଥିରେ ମେକାନିକାଲ୍ ଭେଣ୍ଟିଲେଶନ୍, ଆଣ୍ଟି-ସ୍ନେକ୍ ଭେନମ୍ ଥେରାପି, ଲକ୍ଷ୍ୟଭିତ୍ତିକ ଆଣ୍ଟିମାଇକ୍ରୋବିଆଲ୍ ଚିକିତ୍ସା ଏବଂ ଦିନରାତି ମନିଟରିଂ ଅନ୍ତର୍ଭୁକ୍ତ ଥିଲା। ସମୟୋପଯୋଗୀ ନିଦାନ, ସତର୍କ ପରିଚାଳନା ଓ ସମନ୍ୱିତ ଟିମୱର୍କ ମାଧ୍ୟମରେ ରୋଗୀ ଧୀରେ ଧୀରେ ଉନ୍ନତି ଲାଭ କରିଥିଲା। ଏହି କେସ୍‌ର ପରିଚାଳନା ଆଇଜିଏଚର ପେଡ଼ିଆଟ୍ରିକ୍ସ ବିଭାଗ ଦ୍ୱାରା କରାଯାଇଥିଲା, ଯାହାର ନେତୃତ୍ୱ ଚିଫ୍ ମେଡିକାଲ୍ ଅଫିସର୍ ଓ ଇନ୍‌ଚାର୍ଜ୍ ପେଡ଼ିଆଟ୍ରିକ୍ସ, ଡାକ୍ତର ଜୟନ୍ତ କୁମାର ଆଚାର୍ଯ୍ୟ, ଏଚ୍‌ଓଡି, ପେଡ଼ିଆଟ୍ରିକ୍ସ ବିଭାଗ, ଡାକ୍ତର ଅର୍ଚ୍ଚନା ବେହେରା, ଅଡିଶନାଲ୍ ସିଏମ୍‌ଓ ପେଡ଼ିଆଟ୍ରିକ୍ସ, ଡାକ୍ତର ମାୟା ବୋଷ ଏବଂ ସମର୍ପିତ ଏକ ଚିକିତ୍ସା ଟିମ୍ କରିଥିଲେ। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ଆଇଜିଏଚ୍ ଏହି ଅଞ୍ଚଳରେ ସର୍ପଦଂଶନ ପରିଚାଳନା ପାଇଁ ଏକ ମୁଖ୍ୟ ରେଫରାଲ୍ କେନ୍ଦ୍ର ହୋଇଥିବା ବେଳେ, ଯାହା ଉନ୍ନତ ଗମ୍ଭୀର ଚିକିତ୍ସା ସୁବିଧା, ମେକାନିକାଲ୍ ଭେଣ୍ଟିଲେଶନ୍ ସପୋର୍ଟ, ପ୍ରଶିକ୍ଷିତ ବିଶେଷଜ୍ଞ ଏବଂ ଦିନରାତି ଆଣ୍ଟିସ୍ନେକ୍ ଭେନମ୍ (ଏଏସ୍‌ଭି) ଉପଲବ୍ଧତା ସହିତ ସର୍ବଦା ସୁସଜ୍ଜିତ। ଇସ୍ପାତ ଜେନେରାଲ ହସ୍ପିଟାଲ ଏହି ଅଞ୍ଚଳର ବିଭିନ୍ନ ସ୍ଥାନରୁ ଆସୁଥିବା ଗମ୍ଭୀର ସର୍ପଦଂଶନ ଓ ଅନ୍ୟ ସମସ୍ୟାଜନକ ରୋଗରେ ପୀଡ଼ିତ ରୋଗୀମାନଙ୍କୁ ସର୍ବଦା ଜୀବନରକ୍ଷାକାରୀ ଚିକିତ୍ସା ପ୍ରଦାନ କରି ଚାଲିଛି।

# ପ୍ରଧାନମନ୍ତ୍ରୀ ଯକ୍ଷ୍ମାମୁକ୍ତ ଭାରତ ଅଭିଯାନରେ ମାଗଣା ଏକ୍ସରେ

**ବଣାଇଁ, ୨୨।୬(ସମିସ):** ପ୍ରଧାନମନ୍ତ୍ରୀ ୧୦୦ ଦିନିଆ ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନରେ ସ ବଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ବିଭିନ୍ନ ଗ୍ରାମରେ ମାଗଣା ଏକ୍ସରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୬୯ ଜଣ ବ୍ୟକ୍ତିଙ୍କ ଏକ୍ସରେ କରାଯାଇଥିଲା।

ସୂଚନା ଅନୁଯାୟୀ, ଯକ୍ଷ୍ମାମୁକ୍ତ ଭାରତ ଅଭିଯାନ ୨.୦ କାର୍ଯ୍ୟକ୍ରମ ଭିତରେ ମୋ ଭାରତ ସ୍ୱେଚ୍ଛାସେବୀ ପଞ୍ଜୀକରଣ, ଯକ୍ଷ୍ମା ରୋଗୀଙ୍କୁ ମାଗଣା ଖାଦ୍ୟବଣ୍ଟନ ଇତ୍ୟାଦି ଚାଲୁରହିବ। ଏହି କାର୍ଯ୍ୟକ୍ରମକୁ ବଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧକ୍ଷ ଡ. ବିଶ୍ୱରଞ୍ଜନ ସାହୁଙ୍କ ତତ୍ତ୍ୱାବଧାନରେ ବିପିଏମ୍ ତୁଷାରକାନ୍ତ ମହାପାତ୍ର ଓ ଏସ୍‌ଟିଏସ୍ ପ୍ରଦୀପ୍ତ ରଞ୍ଜନ ମଲ୍ଲ ପରିଚାଳନା କରିଥିଲେ।

# କାନ୍ଥ ଭୁଶୁଡ଼ି ଗର୍ଭବତୀ ମହିଳା ଗୁରୁତର

**ବଣାଇଁ, ୨୨।୬(ସମିସ):** ଗୁରୁଣ୍ଡିଆ ବ୍ଲକ ନରେନ୍ଦ୍ର ପଞ୍ଚାୟତ ଅନ୍ତର୍ଗତ ଝାରବେଡା ଗ୍ରାମର ଖଜୁରିଆ ସାହିରେ ସୋମବାର ସନ୍ଧ୍ୟାରେ ମାଟି କାନ୍ଥ ଭୁଶୁଡ଼ି ଜଣେ ଗର୍ଭବତୀ ମହିଳା ଗୁରୁତର ଆହତ ହୋଇଛନ୍ତି। ଝାରବେଡା ଗ୍ରାମର ରାଜୁ ବେହେରାଙ୍କ ସ୍ତ୍ରୀ ପପି ବେହେରା (୨୬) ସନ୍ଧ୍ୟା ସମୟରେ ତାଙ୍କ ପୁରୁଣା ମାଟି ଘରେ ରୋଷେଇ କରୁଥିବା ବେଳେ ହଠାତ୍ ପ୍ରବଳ ବର୍ଷା ଓ ପବନ ଯୋଗୁଁ ଘରର ମାଟି କାନ୍ଥ ଭୁଶୁଡ଼ି ପଡ଼ିଥିଲା। କାନ୍ଥ ତଳେ ଚାପି ହୋଇ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକମାନେ ତୁରନ୍ତ ଉଦ୍ଧାର କରି ତାଙ୍କୁ ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ତେବେ ତାଙ୍କ ଅବସ୍ଥା ଗୁରୁତର ଥିବାରୁ ଡାକ୍ତରମାନେ ତାଙ୍କୁ ଅଧିକ ଚିକିତ୍ସା ପାଇଁ ରାଉରକେଲା ସରକାରୀ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିବା ଜଣାପଡ଼ିଛି।

## ଏନଆଇଟି ରାଉରକେଲା ପକ୍ଷରୁ ଆନ୍ତର୍ଜାତୀୟ ଯୋଗ ଦିବସ

# ଯୋଗ ମାଧ୍ୟମରେ ସୁସ୍ଥ ବୃଦ୍ଧାବସ୍ଥାର ବାର୍ତ୍ତା

**ରାଉରକେଲା, ୨୨।୬(ସମିସ)**

ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଏନ୍‌ଆଇଟି ରାଉରକେଲାରେ 'ସୁସ୍ଥ ବୃଦ୍ଧାବସ୍ଥା ପାଇଁ ଯୋଗ' ଥିମ୍‌କୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମର ଆରମ୍ଭରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଯୋଗ ଦିବସ







ଅଭିଭାଷଣର ସିଧା ପ୍ରସାରଣ ଦେଖାଯାଇଥିଲା। ପ୍ରାୟ ୮୦ ଜଣ ଅଂଶଗ୍ରହଣକାରୀ ଏହି ସତ୍ରରେ ଯୋଗ ଦେଇଥିଲେ। ଏହି ଅବସରରେ ଏନଆଇଟି ରାଉରକେଲାର ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ ଯୋଗର ଶାରୀରିକ, ମାନସିକ ଓ ଭାବନାତ୍ମକ ସୁସ୍ଥତାରେ ଥିବା ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେ ଭ୍ରାମରୀ ପ୍ରାଣାୟାମ ଓ ଗୋମୁଖାସନର ପ୍ରଦର୍ଶନ କରି ନିୟମିତ ଯୋଗାଭ୍ୟାସକୁ ଜୀବନଶୈଳୀର ଅଂଶ କରିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ବୃକ୍ଷ ସିଞ୍ଚନ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା, ଯାହା ବ୍ୟକ୍ତିଗତ ସୁସ୍ଥତା ଓ ପରିବେଶ ସୁରକ୍ଷାର ସମନ୍ୱୟର ପ୍ରତୀକ ଥିଲା।

**ରାଉରକେଲା :** ସୁନ୍ଦରଗଡ଼ର ଭବାନୀ ଭବନ ସ୍ପୋର୍ଟସ୍ କମ୍ପ୍ଲେକ୍ସ ଠାରେ ଜିଲ୍ଲାସ୍ତରୀୟ ଅର୍ନ୍ତଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ସୁନ୍ଦରଗଡ଼ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ସନ୍ତୋଷ ଅମାତ, ସୁନ୍ଦରଗଡ଼ ପୌରପରିଷଦର ଉପାଧ୍ୟକ୍ଷ ଲଲାଟେନ୍ଦୁ ପରିଡ଼ା, ପୂର୍ବତନ ବିଧାୟିକା କୁସୁମ ଟେଟେ, ଅତିରିକ୍ତ ଜିଲ୍ଲାପାଳ ସୁରଜ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମହେନ୍ଦ୍ର ମୁର୍ମୁ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଧୀରେନ୍ଦ୍ର ସେଠୀ, ଜିଲ୍ଲାକ୍ରୀଡା ଅଧିକାରୀ ସୁଶୀଳ ମିଶ୍ର, ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ, କର୍ମଚାରୀ, ବିଭିନ୍ନ ସଂଗଠନର କର୍ମକର୍ତ୍ତା, ସ୍ୱେଚ୍ଛାସେବୀ, ଛାତ୍ରଛାତ୍ରୀ ଏବଂ ବହୁ ସଂଖ୍ୟାରେ ଜନସାଧାରଣ ଯୋଗ ଦେଇଥିଲେ। ଏହି ଅବସରରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଶ୍ରୀ ଅମାତ ଦୈନନ୍ଦିନ ଜୀବନରେ ଯୋଗର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ନିୟମିତ ଯୋଗ ଅଭ୍ୟାସ ଦ୍?ାରା ଆମେ ବିଭିନ୍ନ ରୋଗ ରୁ ମୁକ୍ତି ପାଇପାରିବା ଏବଂ ଯୋଗ ଦ୍ୱାରା ଉଭୟ ମାନସିକ ଓ ଶାରୀରିକ ସୁସ୍ଥତା ବଜାୟ ରଖାଯାଇପାରିବ। ତେଣୁ ସମସ୍ତେ ନିୟମିତ ନିହାତି ଯୋଗ ଅଭ୍ୟାସ କରିବା ଜରୁରୀ ବୋଲି ନିଜ ଅଭିଭାଷଣରେ କହିଥିଲେ।

## ବାସନ୍ତୀ ପାଠାଗାର

**ରାଉରକେଲା :** ସାହିତ୍ୟ ଅନୁଷ୍ଠାନ ବାସନ୍ତୀ ପାଠାଗାର ପରିସରରେ ଅନ୍ତର୍ଜାତୀୟ ଯୋଗଦିବସ ଯୋଗଗୁରୁ ବିକ୍ରମଚନ୍ଦ୍ର ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଯୋଗଗୁରୁ ପୀତବାସ ପ୍ରଧାନ ମୁଖ୍ୟ ଅତିଥି, ପାଠାଗାରର ଉପସଭାପତି ଅଜୟ କୁମାର ପ୍ରଧାନ ଏବଂ ଯୋଗ ଗୁରୁ ହରିହର ମହାନ୍ତି ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଯୋଗଗୁରୁ ବିକ୍ରମ ଚନ୍ଦ୍ର ଆଚାର୍ଯ୍ୟ ଉପସ୍ଥିତ ସଭ୍ୟ/ସଭ୍ୟାମାନଙ୍କୁ ଯୋଗର ସାଧାରଣ ଅଭ୍ୟାସକ୍ରମରେ ଯୋଗ ପ୍ରାଣାୟାମର ଅଭ୍ୟାସ କରାଇବା ସଙ୍ଗେ ସଙ୍ଗେ ତାର ଉପକାରିତା ବିଷୟରେ ବୁଝେଇଥିଲେ। ଯୋଗ ଶିକ୍ଷକ ରବୀନ୍ଦ୍ର ଠାକୁର ଏବଂ ଯୋଗ ଶିକ୍ଷିକା କବିତା ଦାଶ ଯୋଗ ଶିଖାଇବାରେ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାଠାଗାରର ବିଭୁଦତ୍ତ ବେହେରା, ଶରତ ଚନ୍ଦ୍ର ରାଉତ, ବସନ୍ତ କୁମାର ମହାରଣା, ଚିତ୍ତରଞ୍ଜନ ଦାଶ, କମଳ ଆଚାର୍ଯ୍ୟ, କବିତା ପ୍ରଧାନ ଉପସ୍ଥିତ ଥିଲେ।

## ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ

**ରାଉରକେଲା :** ରାଉରକେଲାସ୍ଥିତ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ମହାବିଦ୍ୟାଳୟ ପରିସରରେ ବିଶ୍ୱ ଯୋଗ ଦିବସ ପାଳନ ହୋଇଯାଇଛି। ଏହାକୁ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସସ୍ମିତା ସାମଲ ଉଦ୍‌ଘାଟନ କରିବା ସହ ଚଳିତବର୍ଷ ଏହି ଦିବସ ପାଳନର ପ୍ରସଙ୍ଗ 'ସୁସ୍ଥ ବାର୍ଦ୍ଧକ୍ୟ ପାଇଁ ଯୋଗ' ସମ୍ପର୍କରେ ବାର୍ତ୍ତା ଦେଇ ସବୁ ବର୍ଗର ବ୍ୟକ୍ତିମାନେ ଯୋଗ କରିବା ପାଇଁ ଆହ୍ୱାନ ଦେଇଥିଲେ। ମହାବିଦ୍ୟାଳୟର ଯୁବ ରେଡ୍‌କ୍ରସ୍, ଏନ୍‌ସିସି, ଜାତୀୟ ସେବା ଯୋଜନା ପକ୍ଷରୁ ମିଳିତ ଭାବେ ଆୟୋଜିତ ଏହି କାର୍ଯ୍ୟକ୍ରମ ଏନ୍‌ସିସି ଅଧିକାରୀ ତଥା କ୍ରୀଡ଼ା ଶିକ୍ଷୟିତ୍ରୀ କ୍ୟାପ୍‌ଟେନ ମୀନା ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ରାଉରକେଲା ସ୍ଥିତ ଆର୍ଟ ଅଫ୍ ଲିଭିଙ୍ଗ୍ ସଂସ୍ଥାର ବରିଷ୍ଠ ଯୋଗଗୁରୁ ରାକେଶ ମୋହନ ବାଗ୍ରୀ ଗୁରୁ ଦୀପକ କୁମାର ସାହାଣୀ ଏବଂ ପୁରଣଶ୍ରୀ ସାହାଣୀ ଏହି ଶିବିରକୁ ପରିଚାଳନା କରିବା ସହ ବିଭିନ୍ନ ପ୍ରକାରର ଯୋଗ ସମ୍ପର୍କରେ ପ୍ରଶିକ୍ଷଣ ଦେଇ ଯୋଗ କରାଇଥିଲେ। ବରିଷ୍ଠ ଅଧ୍ୟାପକ ପ୍ରଶାନ୍ତ କୁମାର ସେଠୀ, ମାୟାଧର ବାରିକଙ୍କ ସମେତ ବିଭିନ୍ନ ବର୍ଗର ଅଧ୍ୟାପକ ଓ ଅଧ୍ୟାପିକା, ଛାତ୍ରଛାତ୍ରୀ ଏବଂ ଏନ୍‌ସିସି କ୍ୟାଡେଟ୍‌ମାନେ ଯୋଗ ଦେଇଥିଲେ। ଏହି ଅବସରରେ ଶରୀରକୁ ନୀରୋଗ ରଖିବା ପାଇଁ ଯୋଗର ଆବଶ୍ୟକତା ସମ୍ପର୍କରେ ବିଭିନ୍ନ ବାର୍ତ୍ତା ଦିଆଯିବା ସହ ଯୋଗାସନ ଓ ପ୍ରାଣାୟମ ଆଦି କରାଯାଇଥିଲା। ଏନ୍‌ସିସି କ୍ୟାଡେଟ୍ ବିଭୁତି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଅଞ୍ଚଳ ମହାବିଦ୍ୟାଳୟରେ ଅନ୍ତର୍ଜାତୀୟ ଯୋଗ ଦିବସ

**ପଦ୍ମପୁର,୨୨।୬(ସମିସ):** ସ୍ଥାନୀୟ ଅଞ୍ଚଳ ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ପ୍ରଫେସର ଖଗେଶ୍ୱର ଦାଶଙ୍କ ତତ୍ତ୍ୱାବଧାନରେ ଯୋଗ ଦିବସ ପାଳିତ ହୋଇଯାଇଛି। ଶିବିରକୁ ଜାତୀୟ ସେବା ଯୋଜନା, ଯୁବ ରେଡକ୍ରସ ଏବଂ ଏନ୍‌ସିସିର ମିଳିତ ଆନୁକୂଲ୍ୟରେ ଆୟୋଜନ କରାଯାଇଥିବା ବେଳେ ବିଭିନ୍ନ ବିଭାଗର ସ୍ୱେଚ୍ଛାସେବୀ ଓ କ୍ୟାଡେଟମାନେ ଅଂଶଗ୍ରହଣ କରିଥିଲେ।

ଏହି କାର୍ଯ୍ୟକ୍ରମରେ ନୂଆପାଲି, ପଦ୍ମପୁର ସ୍ଥିତ ନବ ପ୍ରଭାତ ଗୁରୁକୁଳ ଆଶ୍ରମର ପ୍ରଧାନ ଆଚାର୍ଯ୍ୟ ଡ. ବୃହସ୍ପତି ଶାସ୍ତ୍ରୀ ମୁଖ୍ୟ ସମ୍ପାଦକ ଓ ସମ୍ପଦ ବ୍ୟକ୍ତି ଭାବେ ଯୋଗଦେଇ ଯୋଗର ଆବଶ୍ୟକତା ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ।

# ବୈଦିକ ଅନ୍ତର୍ଜାତୀୟ ବିଦ୍ୟାଳୟରେ ଯୋଗ ଦିବସ



**ବରଗଡ଼,୨୨।୬(ସମିସ):** ସ୍ଥାନୀୟ ବୈଦିକ ଅନ୍ତର୍ଜାତୀୟ ବିଦ୍ୟାଳୟ ଠାରେ ଯୋଗ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷା ଗାର୍ଗୀ ଚାଟାର୍ଜୀ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଆର୍ଟ ଅଫ୍ ଲିଭିଂର କର୍ମକର୍ତ୍ତା ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ଯୋଗର ମାହାତ୍ମ୍ୟ ସମ୍ପର୍କରେ କହିଥିଲେ। ସୋମବାର ବିଦ୍ୟାଳୟ ଖୋଲାଯିବାବେଳେ ଛାତ୍ରଛାତ୍ରୀଙ୍କୁ ଫୁଲଚନ୍ଦନ ସହ ସ୍ୱାଗତ କରାଯାଇଥିଲା।

# ପିଏମ୍‌ଶ୍ରୀ ଜର୍ଜ ଉଚ୍ଚ ବିଦ୍ୟାଳୟରେ ଯୋଗ ଶିବିର

**ବରଗଡ଼,୨୨।୬(ସମିସ):** ବରଗଡ଼ର ସର୍ବ ପୁରାତନ ବିଦ୍ୟାଳୟ ପିଏମ୍‌ଶ୍ରୀ ଜର୍ଜ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ଶାଶ୍ୱତୀ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯୋଗ ଦିବସ ଅବସରରେ ଛାତ୍ରମାନଙ୍କୁ ଯୋଗାଭ୍ୟାସ କରାଯାଇଥିଲା। ବରିଷ୍ଠ ଶିକ୍ଷକ ସୁରେଶ କୁମାର ଦାଶ, ମମତା ବିଶି, କୁମୁଦିନୀ ପାଣିଗ୍ରାହୀ, ପୂର୍ଣ୍ଣିମା ପ୍ରଧାନ, ସୁରେଖା ସାହୁ, ଦୁଷ୍ମନ୍ତ ଭୁଏ, ଜ୍ୟୋତି ଦାଶ, ପିଇଟି ହରିଶ ପାତ୍ର, ସୀମାଞ୍ଚଳ ସ୍ୱାଇଁ, ନିବେଦିତା ପ୍ରଧାନ, ଇପ୍ସିତା ସାହୁ ଆଦି ଅଂଶଗ୍ରହଣ କରି ଯୋଗାଭ୍ୟାସ କରିଥିଲେ।

# ଜାତୀୟ ସଂକୀର୍ତ୍ତନ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ



**ବରଗଡ଼,୨୨।୬(ସମିସ):** ବରଗଡ଼ ଜିଲ୍ଲା ସଂକୀର୍ତ୍ତନ ପରିଷଦ ଆନୁକୂଲ୍ୟରେ ରବିବାର ସ୍ଥାନୀୟ ରାଣା ପ୍ରତାପ ସ୍କୁଲ ସମ୍ମିଳନୀ କକ୍ଷରେ ଆଗାମୀ ଦିନରେ ଦିଲ୍ଲୀଠାରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ସଂକୀର୍ତ୍ତନ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରମୋଦ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବରଗଡ଼ ଜିଲ୍ଲାର ସମସ୍ତ ବ୍ଲକ ପ୍ରତିନିଧିଙ୍କ ସମେତ କାର୍ଯ୍ୟକାରୀ ସଦସ୍ୟ ବୃନ୍ଦ ଉପସ୍ଥିତ ଥିଲେ। ସମ୍ପାଦକ ପଣ୍ଡିତ ଜୟଦେବ ପଣ୍ଡାଙ୍କ ସଂଯୋଜନାରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରାଯିବା ସହିତ ଜାତୀୟ ସଂକୀର୍ତ୍ତନ ମହୋତ୍ସବ ନେଇ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା। କାର୍ଯ୍ୟକ୍ରମକୁ ସଂଯୋଜକ ଗୋପବନ୍ଧୁ ପୁରୋହିତ ସଂଯୋଜନା କରିଥିବା ବେଳେ ଏହି ଅତିଥି ଭାବେ ବରିଷ୍ଠ ଉପଦେଷ୍ଟା ବଜରଙ୍ଗ ଅଗ୍ରୱାଲ, ଜିଲ୍ଲା ରଜକ ସେବା ସମିତି ଅଧ୍ୟକ୍ଷ ଅର୍ଜୁନ ସେଠ୍, ନାଗା ରାମ ନାରାୟଣ ଦାସ, ଲଳିତ ମୋହନ ପଣ୍ଡା, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଗ୍ରୀବର ବିଶି ପ୍ରମୁଖ ଉପସ୍ଥିତ ଥିଲେ। ସ୍ଥାନୀୟ ଜନପ୍ରତିନିଧିଙ୍କ ସହଯୋଗରେ କିପରି ସାଧାରଣତନ୍ତ୍ର ଦିବସରେ ସଂକୀର୍ତ୍ତନ କଳାକାର ନିଜର କଳା ପ୍ରଦର୍ଶନ କରିପାରିବେ ପରିଷଦ ପକ୍ଷରୁ ଉଦ୍ୟମ କରିବାକୁ ଆହ୍ୱାନ ଦେଇଥିଲେ।

# ଦେଶୀ ବିହନ ସଚେତନତା କାର୍ଯ୍ୟକ୍ରମ

**ଗାଇସିଲେଟ,୨୧।୬(ସମିସ):** ବରଗଡ ଜିଲ୍ଲା ଗାଇସିଲେଟ ବ୍ଲକ ରାଇସଲପଦର ପଞ୍ଚାୟତ ନାଥପାଲି ଗାଁରୁ ଭିତ୍ତିଭୂମୀ ସେବା ସଂଗଠନ ଓ ଅହିଂସା କ୍ଲବ ମିଳିତ ସହଯୋଗରେ ଦେଶୀ ବିହନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦେଶୀ ବିହନ ରଥକୁ ପ୍ରଥମେ ରାଇସଲପଦର ସରପଞ୍ଚ ବିଳାସିନୀ ସାହୁ, ଅଗ୍ରଣୀ ଚାଷୀ କରମ ସିଂ ସାହୁ, ଅହିଂସା କ୍ଲବ ସମ୍ପାଦକ ତଥା ଅହିଂସା ଚାଷୀ ଉତ୍ପାଦକ କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶିବପ୍ରସାଦ ସାହୁ, ଚାମ୍ପିଅନ ଜୈବିକ ଚାଷୀ ସଦାନନ୍ଦ ସାହୁଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଥିଲା। କୃଷି କ୍ଷେତ୍ରରେ ଦେଶୀ ବିହନର ଗୁରୁତ୍ୱ, ଜୈବ ବିବିଧତାର ସଂରକ୍ଷଣ ଏବଂ ଜୈବିକ ଚାଷୀଙ୍କ ଆତ୍ମନିର୍ଭଶୀଳତାକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଏହି ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମରେ ନାଥପାଲିର ୧୦୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଚାଷୀ ଅଂଶ ଗ୍ରହଣ କରିଥିଲେ।

# ଜିଲ୍ଲାରେ ମୌସୁମୀ ବର୍ଷା; ଜନଜୀବନ ଆଶ୍ୱସ୍ତ

**ବରଗଡ,୨୨।୬(ସମିସ):**



ଦୀର୍ଘଦିନ ଅସହ୍ୟ ଗରମ ଓ ଗୁଳୁଗୁଳିରେ ଅତିଷ୍ଠ ହୋଇପଡ଼ିଥିବା ବରଗଡ଼ ଜିଲ୍ଲାବାସୀଙ୍କୁ ରବିବାର ଅପରାହ୍ନର ମୌସୁମୀ ବର୍ଷା ଆଶ୍ୱସ୍ତି ଆଣିଦେଇଛି। ମଧ୍ୟାହ୍ନ ପ୍ରାୟ ୨ଟା ପରଠାରୁ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବା ସହ ପବନ ବହିବା ଆରମ୍ଭ ହୋଇଥିଲା। ପରେ ଝିପିଝିପି ବର୍ଷା ସହ କେତେକ ସ୍ଥାନରେ ମଧ୍ୟମ ଧରଣର ବର୍ଷା ରେକର୍ଡ କରାଯାଇଛି। ଗତ ସପ୍ତାହ ଧରି ବରଗଡ଼ ଜିଲ୍ଲାରେ ତାପମାତ୍ରା କ୍ରମାଗତ ଭାବେ ବୃଦ୍ଧି ପାଇଥିଲା। ଏହା ସହ ବାୟୁମଣ୍ଡଳରେ ଆଦ୍ରତାର ପରିମାଣ ଅଧିକ ରହିଥିବାରୁ ଅସହ୍ୟ ଗୁଳୁଗୁଳି ହେଉଥିଲା। ସାଧାରଣ ଲୋକଙ୍କ ଦୈନନ୍ଦିନ ଜୀବନ ବ୍ୟାହତ ହେଉଥିବା ବେଳେ ବୃଦ୍ଧ, ଶିଶୁ ଓ ଶ୍ରମଜୀବୀ ବର୍ଗ ସବୁଠାରୁ ଅଧିକ ପ୍ରଭାବିତ ହେଉଥିଲେ। ଦିନବେଳା ରାସ୍ତାଘାଟ ଜନଶୂନ୍ୟ ହୋଇପଡୁଥିଲା ଏବଂ ଲୋକମାନେ ନିହାତି ଆବଶ୍ୟକ ନଥିଲେ ଘରୁ ବାହାରୁନଥିଲେ।

ରବିବାର ଅପରାହ୍ନରେ ପାଗରେ ହଠାତ୍ ପରିବର୍ତ୍ତନ ସହ ବର୍ଷା ପରେ ତାପମାତ୍ରା ହ୍ରାସ ପାଇଛି। ବରଗଡ଼ ସଦର ସମେତ ପାଇକମାଳ, ଝାରବନ୍ଧ, ଅମ୍ବାଭୋନା, ଭଟଲି, ବରପାଲି, ବିଜେପୁର, ସୋହେଲା ଓ ଗାଇସିଲେଟ ବ୍ଲକର ବିଭିନ୍ନ ଅଞ୍ଚଳରେ ବର୍ଷା ହୋଇଛି। କେତେକ ସ୍ଥାନରେ ରାସ୍ତାଘାଟ ଭିଜିଯାଇଥିବା ବେଳେ ଲୋକମାନେ ବର୍ଷାକୁ ଉପଭୋଗ କରୁଥିବା ଦେଖାଯାଇଥିଲା।

ସହର ଓ ଗ୍ରାମାଞ୍ଚଳର ଲୋକମାନେ ଏହି ବର୍ଷାକୁ ସ୍ୱାଗତ କରିଥିବା ବେଳେ ଆଗାମୀ ଦିନରେ ନିୟମିତ ବର୍ଷା ହେବ ବୋଲି ଆଶା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଚାଷୀମାନଙ୍କ ପାଇଁ ମଧ୍ୟ ଏହି ବର୍ଷା ଆଶାର କିରଣ ନେଇ ଆସିଛି। ଖରିଫ ଚାଷ ଆରମ୍ଭ ହୋଇଥିବା ବେଳେ ବର୍ଷାର ଅପେକ୍ଷାରେ ଥିବା ଚାଷୀମାନେ ଏହି ବର୍ଷାକୁ ସ୍ୱାଗତ କରିଛନ୍ତି। ଅନେକ ସ୍ଥାନରେ ଚାଷୀମାନେ ଜମି ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ କରିଥିବା ବେଳେ ବର୍ଷା ହେବା ଦ୍ୱାରା ଚାଷ କାମରେ ସହାୟକ ହୋଇଛି।

ଏପଟେ ଧାନମଣ୍ଡିରେ ଚାଷୀଙ୍କ ଧାନ ପଡ଼ି ରହିଥିବାରୁ ବର୍ଷା ପାଇଁ ସେମାନେ ଚିନ୍ତିତ ହୋଇପଡିଛନ୍ତି। ସୋମବାର ଠାରୁ ଜିଲ୍ଲାର ସ୍କୁଲଗୁଡ଼ିକ ଖୋଲିଥିବା ବେଳେ ପାଣିପାଗର ଏହି ପରିବର୍ତ୍ତନ ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କୁ ମଧ୍ୟ ଆଶ୍ୱସ୍ତି ଦେଇଛି। ଅତ୍ୟଧିକ ଗରମ ଯୋଗୁଁ ସ୍କୁଲ ଯିବା ଓ ପାଠପଢ଼ାରେ ଅସୁବିଧା ହେଉଥିବା ବେଳେ ବର୍ଷା ପରେ ପରିବେଶ ଅନୁକୂଳ ହୋଇଛି। ରବିବାରର ମୌସୁମୀ ବର୍ଷା ବରଗଡ଼ ଜିଲ୍ଲାର ଜନଜୀବନକୁ ସାମୟିକ ଆଶ୍ୱସ୍ତି ଦେଇଥିବା ବେଳେ କୃଷି କ୍ଷେତ୍ର ପାଇଁ ମଧ୍ୟ ନୂଆ ଆଶା ସୃଷ୍ଟି କରିଛି।

# ଗୁରୁ ଭଗବାନ ସାହୁ ରାଜ୍ୟସ୍ତରୀୟ ମହୋତ୍ସବ ପ୍ରସ୍ତୁତି ବୈଠକ



**ବରଗଡ଼,୨୨।୬(ସମିସ):** ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ଗୁରୁ ଭଗବାନ ସାହୁ ରାଜ୍ୟସ୍ତରୀୟ ସ୍ମୃତି କମିଟି ମିଳିତ ଆନୁକୂଲ୍ୟରେ ଆସନ୍ତା ୨୮ରେ ହେବାକୁ ଥିବା ଗୁରୁ ଭଗବାନ ସାହୁ ରାଜ୍ୟସ୍ତରୀୟ ମହୋତ୍ସବର ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଏଇ ମିକନ ସ୍କୁଲଠାରେ ସଂଯୋଜକ କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଲୁଲୁ ରବିନ ଦାସଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଅଛି। ଦଧିବାବନ ଶତପଥୀଙ୍କ ସଭାପତିତ୍ୱରେ ସମ୍ପାଦକ ତୁଳସୀ ଚରଣ ଦାଶ ବିବରଣୀ ପାଠ କରିଥିଲେ। ଉପସଭାପତି ସର୍ଦ୍ଦାର ପ୍ରୀତମ ସିଂହଙ୍କ ସଂଯୋଜନାରେ ସଫଳ ଆୟୋଜନ ପାଇଁ ବିଭିନ୍ନ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା। ମୁଖ୍ୟ ଅତିଥି ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡଙ୍ଗୀ, ସମ୍ମାନିତ ଅତିଥି ବରଗଡ଼ ପୌରାଧ୍ୟକ୍ଷା କଳ୍ପନା ମାଝୀ, ମୁଖ୍ୟବକ୍ତା କବି ତଥା ବରିଷ୍ଠ ସାମ୍ବାଦିକ ଲକ୍ଷ୍ମୀ ନାରାୟଣ ହୋତା ଯୋଗଦାନ କରିବେ। ଆନ୍ତର୍ଜାତୀୟ ସଞ୍ଚାର ଗାୟକ ବାହାକ ଅଲେଖ ସାହୁ,

**ସମ୍ବର୍ଦ୍ଧିତ ହେବେ ବହୁ ବିଶିଷ୍ଟ ବ୍ୟକ୍ତି**

ବରିଷ୍ଠ ଦଣ୍ଡନୃତ୍ୟ ଗୁରୁ ବିଶ୍ୱମ୍ଭର ଷାଣ୍ଢ (ଟିହା) ଗୁରୁ ଭଗବାନ ସାହୁ ରାଜ୍ୟସ୍ତରୀୟ ସ୍ମୃତି ସମ୍ମାନ ପାଇବେ। ଗୁରୁଙ୍କ ପ୍ରଚାର ପ୍ରସାର କରିଆସୁଥିବା ଚାରି ଜଣ ସାମ୍ବାଦିକଙ୍କୁ ସମ୍ମାନିତ କରିବାକୁ ନିଷ୍ପତ୍ତି ନିଆଯାଇଛି। ନିଷ୍ପତ୍ତି ଅନୁଯାୟୀ ଚଳିତ ବର୍ଷ 'ସକାଳ' ଖବରକାଗଜ ଜିଲ୍ଲା ପ୍ରତିନିଧି ସାମ୍ବାଦିକ ସରୋଜ ଷଡଙ୍ଗୀ, ସୁନିଲ ମିଶ୍ର (ବଲାଙ୍ଗିର), ନିରଞ୍ଜନ ତ୍ରିପାଠୀ (ପାଇକମାଳ ବ୍ଲକ୍), ସୁଦୀପ୍ତ ଷଡ଼ଙ୍ଗୀଙ୍କୁ ସମ୍ମାନିତ କରାଯିବ। ଗୁରୁ ଭଗବାନ ସାହୁଙ୍କ ସ୍ମୃତି ରକ୍ଷା ପାଇଁ କାର୍ଯ୍ୟ କରିଆସୁଥିବା ଇବ୍ ସାହିତ୍ୟ ପରିବାର ସୁନ୍ଦରଗଡ଼, ଗୁରୁ ଭଗବାନ ସାହୁ କଳା ନିକେତନ ବଲାଙ୍ଗିର, ଜନ କଲ୍ୟାଣ କୁଳିତା ସମାଜ ଅତାବିରା ବ୍ଲକ ,ଗୁରୁ ଭଜମନ ଦାସ କଳା ପରିଷଦ କୁଟାସିଂହା ବଲାଙ୍ଗିର, ମା' ଚରଦେଇ ଲୋକ ମହୋତ୍ସବ କମିଟି ବିନିକା ସୁବର୍ଣ୍ଣପୁର, ସଚେତନ ହେମା ଢୋଲବନ୍ଧ ପଦ୍ମପୁର, ଆମର ସାହିତ୍ୟ ସେବା ସାଂସ୍କୃତିକ ଅନୁଷ୍ଠାନ ପଦ୍ମପୁର ସମ୍ମାନିତ ହେବେ। ବରିଷ୍ଠ କାର୍ଯ୍ୟକାରୀ ସଦସ୍ୟ ଉଦ୍ଧବ ଚରଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଚାରାରୋପଣ ଓ କୃଷକ ପ୍ରଶିକ୍ଷଣ

**ବରଗଡ଼,୨୨।୬(ସମିସ):** ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଉତ୍ସବ 'ବିକାଶ ଧାରା, ଓଡ଼ିଶା ସାରା' ଅବସରରେ ଜାତୀୟ ଖାଇବା ତେଲ ମିଶନ ଅଏଲ ପାମ୍ (ଏନଏମଇଓ-ଓପି) ୨୦୨୬-୨୭ ଅଧୀନରେ ବରଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ଭଟଲି ବ୍ଲକ ନୂଆପାଲିଠାରେ ଏକ ମେଗା ଅଏଲ ପାମ୍ ବୃକ୍ଷରୋପଣ କାର୍ଯ୍ୟକ୍ରମ ଓ କୃଷକ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଯାଇଛି। ଜିଲ୍ଲାପାଳ ଆଦିତ୍ୟ ଗୋୟଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉକ୍ତ ଏକ ହେକ୍ଟର ବିଶିଷ୍ଟ ପ୍ରଦର୍ଶନୀ କ୍ଷେତ୍ରରେ ଅଏଲ ପାମ୍ ଚାରା ରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ଉପସ୍ଥିତ କୃଷକମାନଙ୍କୁ ବହୁମୁଖୀ ଚାଷ ପ୍ରଣାଳୀ ଆପଣାଇ ଆୟ ବୃଦ୍ଧି ଦିଗରେ ଅଗ୍ରସର ହେବାକୁ ପ୍ରେରିତ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଲାଲଟ କୁମାର ଲୁହା, ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ, ବନଖଣ୍ଡ ଅଧିକାରୀ ସରୋଜ କୁମାର ପଣ୍ଡା, ଭଟଲି ପଞ୍ଚାୟତ ସମିତି ଅଧ୍ୟକ୍ଷ ନିତ୍ୟାନନ୍ଦ ପଧାନ, ପ୍ରକଳ୍ପ ନିର୍ଦ୍ଦେଶକ (ୱାଟରସେଡ୍) ସୁଷେନ ମିର୍ଦ୍ଧା, ଭଟଲି ବିଡିଓ ପ୍ରମୋଦ



କୁମାର ମେହେର, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଲୋଚନ ମାଝୀ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସଲା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାରା ରୋପଣ କରିଥିଲେ।

● ଓଡିଶା ରାଜ୍ୟ କୃଷକ ସଂଗଠନର ଉଦ୍‌ବେଗ

# ଆନ୍ଦୋଳନର ଧମକ ପରେ ବି ମିଳୁନି ଟୋକନ୍

**ଅତାବିରା,୨୨।୬(ସମିସ):** ଚାଷୀଙ୍କ ସମସ୍ତ ଟୋକନ ନ ଆସିବାରୁ ଓଡିଶା ରାଜ୍ୟ କୃଷକ ସଂଗଠନ ଅତାବିରା ଗତ ମଙ୍ଗଳବାର ରାସ୍ତାରୋକ ଡାକରା ଦେଇଥିଲା। ସୋମବାର ପୁଲିସ, ପ୍ରଶାସନିକ ଅଧିକାରୀ, ଯୋଗାଣ ବିଭାଗ, ସମବାୟ ବିଭାଗ ଗୋଡଭଗା ଆସି ଖୁବ୍‌ଶୀଘ୍ର ସମସ୍ତ ଚାଷୀଙ୍କୁ ଟୋକନ୍ ଦିଆଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ପରେ ରାସ୍ତାରୋକ ସ୍ଥଗିତ ହୋଇଥିଲା। ଶୁକ୍ରବାର ସନ୍ଧ୍ୟାରେ ହାତଗଣତି କିଛି ଚାଷୀଙ୍କ ଟୋକନ ଆସିଛି। ମାତ୍ର ଅର୍ଦ୍ଧାଧିକ ଚାଷୀଙ୍କ ଟୋକନ ଏଯାଏ ଆସିନାହିଁ। ପ୍ରଶାସନ ପ୍ରତିଶ୍ରୁତି ଦେଇ ଚାଷୀଙ୍କ ସହ ବିଶ୍ୱାସଘାତ କରିଛି। ଆଉ ୧୦ ଦିନ ମଧ୍ୟରେ ରବି ଫସଲର ଧାନ ସଂଗ୍ରହ ସରିବାକୁ ଯାଉଥିବାରୁ ରବିବାର ସନ୍ଧ୍ୟାରେ ଗୋଡ଼ଭଗା ମଣ୍ଡିରେ ଅନୁଷ୍ଠିତ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଜିଲ୍ଲାପାଳଙ୍କ ସାକ୍ଷାତ କରି ସମସ୍ତ ଟୋକନ ଯେପରି ପହଞ୍ଚିବ ଆଲୋଚନା କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ସମସ୍ତ ଟୋକନ ନ ଆସିଲେ ପୁଣି ରାସ୍ତାରୋକ କରବାକୁ ଚେତାବନୀ ଦିଆଯାଇଛି। ବୈଠକରେ ସଭାପତି ଭୁବନ ପ୍ରଧାନ, ସଂପାଦକ ନରେନ୍ଦ୍ର ପ୍ରଧାନ, ଚାଷୀ ନେତା ବୀରେନ୍ଦ୍ର କର, ଟିକେଲାଲ ମିଶ୍ର, ପାପା ରାଓ, ସତ ବାବୁ, କୃଷ୍ଣ ବାବୁ, ସୁରେଶ କର୍ଣ୍ଣ, ସୁରେନ୍ଦ୍ର ପ୍ରଧାନ, ଦେବେନ୍ଦ୍ର ସାହୁ, ଦଶରଥ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ଯୋଗକୁ ପ୍ରାଥମିକ ସ୍କୁଲସ୍ତରରେ ବାଧ୍ୟତାମୂଳକ କରାଯାଉ




**ବରଗଡ଼,୨୨।୬(ସମିସ):** ଯୋଗକୁ ପ୍ରାଥମିକ ସ୍କୁଲ ସ୍ତରରେ ପ୍ରଣୟନ କରାଯିବାକୁ ବରଗଡ଼ ମହିଳା ସମିତି ସରକାରଙ୍କୁ ନିବେଦନ କରିଛି। ଆନ୍ତର୍ଜାତିକ ଯୋଗ ଦିବସ ସନ୍ଧ୍ୟାରେ ସମିତିର ସମ୍ପାଦିକା ରିନୁ ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ମୁଖ୍ୟଆଲୋଚକ ଯୋଗଗୁରୁ ବିଜୟଲକ୍ଷ୍ମୀ ସାହୁ ଯୋଗ ଅଭ୍ୟାସ କରିବା ଦ୍ୱାରା ଶରୀର-ମନ ଢାଞ୍ଚା ପରିବର୍ତ୍ତନ ହୁଏ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ଼ା କମଳିନୀ ଶତପଥୀ, ହରଜିନ୍ଦର୍ କୌର, ଅଞ୍ଜନା ଦାସ, କନକ ପ୍ରଧାନ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ମମତା ମିଶ୍ର, ସୁଧାଂଶୁବାଳା ଦାଶ, ଜୟଗୀତା ପଣ୍ଡା, ବାସନ୍ତୀ ଗଡତିଆ, ସଲୋନୀ ଦାଶ, ସଂଗୀତା ଗୁପ୍ତା, ପଦ୍ମିନୀ ସାହୁ, ଯଶସ୍ମିତା ଆଚାର୍ଯ୍ୟ, ରେବତୀ ମହାନ୍ତି, ମଞ୍ଜୁଲତା ସାହୁ, ସ୍ୱାଧିନୀ ଦାଶ, ମଞ୍ଜୁ ପ୍ରଧାନ, ନୀଳିମା ଆଚାର୍ଯ୍ୟ ପ୍ରମୁଖ ସହଯୋଗ କରିଥିଲେ।

# ବରପାଲିରେ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି

**ବରପାଲି,୨୨।୬(ସମିସ):** ବରପାଲି ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଏବଂ ଆରକ୍ଷୀ ଅଧୀକ୍ଷକ ରବୀନ୍ଦ୍ରନାଥ ଶତପଥୀଙ୍କ ମିଳିତ ଅଧ୍ୟକ୍ଷତାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଓ ଏସ୍‌ପିଙ୍କ ସମେତ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଲଲାଟ କୁମାର ଲୁହା, ଉପଜିଲ୍ଲାପାଳ ପ୍ରସନ୍ନ କୁମାର ପାଣ୍ଡେ, ଅତିରିକ୍ତ



ଜିଲ୍ଲା ଚିକିତ୍ସା ଅଧିକାରୀ, ବରପାଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁମନ୍ତ କୁମାର ଏବଂ ବ୍ଲକ ଅଧ୍ୟକ୍ଷା ରୀନା ଥଇତ ପ୍ରମୁଖ ଅଭିଯୋଗ ଶୁଣିଥିଲେ। ସମୁଦାୟ ୮୦ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା।

# ଶିକ୍ଷକ କୀର୍ତ୍ତନ ଭୋଇଙ୍କ ପରଲୋକ



**ପାଇକମାଳ,୨୨।୬(ସମିସ):** ପାଇକମାଳ ବ୍ଲକ ଅନ୍ତର୍ଗତ ଚେରେଙ୍ଗାଝାଞ୍ଜର ଗାଁର ବିଶିଷ୍ଟ ଶିକ୍ଷକ ତଥା ନୂଆଡିହି ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ କୀର୍ତ୍ତନ ଭୋଇ (୫୫) ଙ୍କର ସୋମବାର ପରଲୋକ ଘଟିଛି। କିଛିଦିନ ଧରି ସେ ଅସୁସ୍ଥତା ଯୋଗୁ ରାୟପୁର ସ୍ଥିତ ଏମ୍ସରେ ଚିକିତ୍ସାଧୀନ ଥିଲେ। ସେଠାରେ ସୋମବାର ଅପରାହ୍ନରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ମୃତଦେହ ଗାଁରେ ପହଞ୍ଚିବା ପରେ ଶେଷ ଦର୍ଶନ ପାଇଁ ବହୁ ଲୋକଙ୍କ ଭିଡ଼ ଜମିଥିଲା। ଅନ୍ତିମ ସଂସ୍କାରରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଶିକ୍ଷକ, ସାମାଜିକ କର୍ମୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ବଡ଼ ପୁଅ ତାରାଚାନ୍ଦ ମୁଖାଗ୍ନି ଦେଇଥିଲେ।

# 'ବିକାଶର ଧାରା, ଓଡିଶା ସାରା'ରେ ଏମ୍‌ଏସ୍‌ଏମ୍‌ଇର ଗୁରୁତ୍ୱ



**ଝାରବନ୍ଧ,୨୨।୬(ସମିସ):** 'ବିକାଶର ଧାରା ଓଡ଼ିଶା ସାରା'ର ତୃତୀୟ ଦିବସ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଝାରବନ୍ଧ ପରିସରରେ ବିକାଶର ଧାରା ଓଡିଶା ସାରାରେ ଏମଏସଏମଇର ଗୁରୁତ୍ୱ ଝାରବନ୍ଧ ବ୍ଲକସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସାଂସଦ ପ୍ରତିନିଧି ଦୁର୍ଗାପ୍ରସାଦ ଅଗ୍ରୱାଲ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ସନ୍ତୋଷ ବେହେରା, ବିଡ଼ିଓ ପର୍ଶୁରାମ ପଣ୍ଡା, ତହସିଲଦାର ଅଲେଖ ଘୁଟା, ଏବିଇଓ ଦୟାନିଧି କୈବର୍ତ୍ତ, ଏଆଇଓ ଦୀନେଶ କୁମାର ବେହେରା, ପ୍ରଧାନ ଶିକ୍ଷକ କିଶୋର କୁମାର ଦୀପ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିଲେ। ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ଓ ଦକ୍ଷତା ବିଭାଗ ଦ୍ୱାରା ଦିଆଯାଉଥିବା ଷ୍ଟାର୍ଟଅପ୍ ଉଦ୍ୟୋଗକୁ ସ୍ୱୀକୃତି, ପ୍ରୋତ୍ସାହନ ଓ ଆର୍ଥିକ ସହାୟତା ସହିତ ବିଭିନ୍ନ ଟ୍ରେଡ୍ ଉପରେ ଦିଆଯାଇଥିବା ସ୍ୱଳ୍ପ ମିଆଦି ଓ ଦୀର୍ଘ ମିଆଦି ତାଲିମ ଗୁଡିକ ଉପରେ ସାଧନ ବ୍ୟକ୍ତି ଭାବରେ ଏମଏସଏମଇ ବିଭାଗର ରିତିକ ମହାପାତ୍ର ଏବଂ ମୁଖ୍ୟମନ୍ତ୍ରୀ ଦକ୍ଷତା ବିଭାଗର ସାର୍ଥକ ପଣ୍ଡା ଜଣାଇ ଥିଲେ। ବିପିଏମ ସତ୍ୟ କୁମାର ଅତିଥି ପରିଚୟ ପ୍ରଦାନ ପୂର୍ବକ ସୁଚାରୁ ରୁପେ ମଞ୍ଚ ପରିଚାଳନା କରିଥିବା ବେଳେ ମନୋଜ କୁମାର ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ।

**'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ ଉଦ୍‌ଯାପିତ**

# ସୁଶାସନ ଓ ଗ୍ରାମୀଣ ପରିବର୍ତ୍ତନ ଉପରେ ଗୁରୁତ୍ୱ

**ପଦ୍ମପୁର,୨୨।୬(ସମିସ):**

ରାଜବୋଡ଼ାସମ୍ବର ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ ପଞ୍ଚାୟତ ସମିତି ସ୍ତରୀୟ "ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। "ପଞ୍ଚାୟତରେ ସୁଶାସନ, ଗ୍ରାମାଞ୍ଚଳରେ ପରିବର୍ତ୍ତନ' ଶୀର୍ଷକ ବିଷୟବସ୍ତୁକୁ ନେଇ ଆୟୋଜିତ ଏହି ସମାବେଶରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ବହୁ ସଂଖ୍ୟକ ଜନସାଧାରଣ ଓ ହିତାଧିକାରୀ ଯୋଗ ଦେଇଥିଲେ। ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଗୋବର୍ଦ୍ଧନ ଭୋଏ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଓ ଜନାଭିମୁଖୀ ଯୋଜନା ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ ଜନହିତକର ଯୋଜନାର ହିତାଧିକାରୀଙ୍କୁ ମଞ୍ଚରେ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ସାଂସଦଙ୍କ ପ୍ରତିନିଧି ନିରାକାର ବରିହା, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଗୋଲି ରାଉତ, ବ୍ଲକ ପ୍ରୋଗ୍ରାମ ମ୍ୟାନେଜର (ଈଚଗ), ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ପ୍ରତିନିଧି ଶେଖ୍ ୱାସିମ୍ ରାଜା, ଯୋଗାଣ ନିରୀକ୍ଷକ ଶୁଭେନ୍ଦୁ ପାଣିଗ୍ରାହୀ,




ଦହିତା ମହାବିଦ୍ୟାଳୟର ଅଧାପକ ସୁଶାନ୍ତ ମିଶ୍ର, ରାଜବୋଡ଼ାସମ୍ବର ସରପଞ୍ଚ ସଂଘର ସଭାପତି ଆନନ୍ଦ କୁମାର ବେହେରା ଏବଂ ଜିଲ୍ଲା ପରିଷଦ ସଦସ୍ୟ ମକରଧ୍ୱଜ ବଗାର୍ ଓ ସରସ୍ୱତୀ ସାହୁ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ।

**ଅମ୍ବାଭୋନା:** ଅମ୍ବାଭୋନା ବ୍ଲକ ପରିସରରେ ସାଂସଦ ପ୍ରତିନିଧି ଗୁନାରୁ ପ୍ରଧାନ ମୁଖ୍ୟ ଅତିଥି ଏବଂ ବିଧାୟକ ପ୍ରତିନିଧି ଡ. ଚିନ୍ତାମଣି ପଟେଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମଞ୍ଚାସୀନ ଅତିଥିମାନଙ୍କ ମଧ୍ୟରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ. ଲଳିତ ବାଗ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସରୋଜ କୁମାର ପ୍ରଧାନ, ଅତିରିକ୍ତ ତହସିଲଦାର ପ୍ରବେଶ କୁମାର ମେହେର, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲାଲ ମୋହନ ସିଂହ, କୃଷି ଅଧିକାରିଣୀ ସୁଜାତା ଛତ୍ରିଆ ଓ ସିଡିପିଓ ମାଳତୀ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ବଡ଼ ଦର୍ଲିପାଲି ସେବାଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଦ୍ୟାଧର ପଶାୟତ ମଞ୍ଚ ପରିଚାଳନା କରିଥିଲେ। ସଭାରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ. ଲଳିତ ବାଗ "ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ।

ଏହି ଅବସରରେ ବସୁନ୍ଧରା ଯୋଜନାରେ ୧୩ ଜଣ ଏବଂ ଆବାଦୀ ବସ୍ତି ଯୋଜନାରେ ୪୨ ଜଣଙ୍କୁ ଘରଡିହ ପଟ୍ଟା ବଣ୍ଟନ କରାଯାଇଥିଲା। ଆମ୍ବା ପକ୍ଷରୁ ଆବର୍ତ୍ତନ ପାଣ୍ଠି ମାଧ୍ୟମରେ ରୁଚିଦାର ରାଧିକା ଓ ବୈଗାପାଲିର ଝରଣା ସ୍ୱୟଂ ସହାୟକ ଗୋଷ୍ଠୀକୁ ୨୫ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ସେହିପରି ନୂତନ ଓ ବିଧବା ଭତ୍ତା ଯୋଜନାରେ ୪୨ ଜଣ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଥିଲା। ବୟନ କାରିଗର ଯୋଜନାରେ ୪ ଜଣଙ୍କୁ ବୟନ ସାମଗ୍ରୀ, ବାୟୋ-ବନ୍ଦନା ଯୋଜନାରେ ୫ ଜଣଙ୍କୁ ସହାୟତା ପ୍ରଦାନ କରାଯାଇଥିବା ବେଳେ ପୋଷଣ ଅଭିଯାନ ଅଧୀନରେ ଅଙ୍ଗନୱାଡ଼ି କର୍ମୀ ଓ କ୍ଷେତ୍ର ପରିଦର୍ଶକମାନଙ୍କୁ ୧୬୨ଟି ଆଣ୍ଡ୍ରଏଡ୍ ମୋବାଇଲ ଫୋନ ବଣ୍ଟନ କରାଯାଇଥିଲା। ଏହାଛଡ଼ା ବିଭିନ୍ନ ଯୋଜନାର ଯୋଗ୍ୟ ହିତାଧିକାରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ସମ୍ମିଳନୀରେ ଗୋଷ୍ଠୀ ପ୍ରକଳ୍ପ ସଂଯୋଜକ କ୍ଷୀରସାଗର ମହାପାତ୍ର, ଏସ୍‌ଆଇଆର୍ କାର୍ଯ୍ୟରେ ଉଲ୍ଲେଖନୀୟ ସେବା ପାଇଁ ପିଏ ବଲ୍ଲବ ପ୍ରଧାନ, ଅଙ୍ଗନବାଡ଼ି କର୍ମୀ ସୁଜାତା ବେହେରା ଓ ଶୋଭାବତୀ ପ୍ରଧାନଙ୍କୁ ମାନପତ୍ର ଏବଂ ଉପଢୌକନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା।

### ଝାରସୁଗୁଡ଼ାରେ ସ୍ୱାବଲମ୍ବୀ ଯୁବା ସମୃଦ୍ଧ ଓଡ଼ିଶା ସମାବେଶ

# ଯୁବଶକ୍ତି ଓ କୌଶଳ ମାଧ୍ୟମରେ ସମୃଦ୍ଧ ଓଡ଼ିଶା ଗଠନ ଆହ୍ୱାନ

ଝାରସୁଗୁଡ଼ା,୨୨।୬(ସମିସ)

ଝାରସୁଗୁଡ଼ା ପଞ୍ଚାୟତ ସମିତିସ୍ତରୀୟ ସ୍ୱାବଲମ୍ବୀ ଯୁବା ସମୃଦ୍ଧ ଓଡ଼ିଶା ସମାବେଶ ସୋମବାର ସ୍ଥାନୀୟ ଏମ୍‌ସିଏଲ ଅଡିଟୋରିୟମ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସେ ଯୁବଶକ୍ତି, ନିଯୁକ୍ତି, କୌଶଳ ବିକାଶ ଓ ଆତ୍ମନିର୍ଭରଶୀଳତା ମାଧ୍ୟମରେ ସମୃଦ୍ଧ ଓଡ଼ିଶା ଗଠନ କରିବାକୁ ଆହ୍ୱାନ ଦେଇଥିଲେ। ଏଥିସହ ରାଜ୍ୟ ସରକାରଙ୍କ ଦୂରଦର୍ଶୀ ନେତୃତ୍ୱରେ ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ମହିଳା ସଶକ୍ତିକରଣ, ଗ୍ରାମୀଣ ଭିତ୍ତିଭୂମି ଏବଂ ସାମାଜିକ ସୁରକ୍ଷା କ୍ଷେତ୍ରରେ ହୋଇଥିବା ବ୍ୟାପକ ପରିବର୍ତ୍ତନ ଓଡ଼ିଶାକୁ ବିକାଶର ନୂତନ ଦିଗନ୍ତକୁ ନେଇଯାଇଛି ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ଶ୍ରୀ ତ୍ରିପାଠୀ ବିଗତ ଦୁଇ ବର୍ଷ ମଧ୍ୟରେ ଯୁବ ସଶକ୍ତିକରଣ କ୍ଷେତ୍ରରେ ହୋଇଥିବା



ଉଲ୍ଲେଖନୀୟ ସଫଳତା ଉପରେ ଆଲୋକପାତ କରିବା ସହ ଯୁବ ସମାଜକୁ ଆତ୍ମବିଶ୍ୱାସର ସହ ଆଗକୁ ବଢ଼ିବାକୁ ପରାମର୍ଶ ଦେଇଥିଲେ। ସମାବେଶରେ ବିଭିନ୍ନ ସରକାରୀ ଯୋଜନାର ହିତାଧିକାରୀଙ୍କୁ ସହାୟତା, ରାସନକାର୍ଡ, ଆୟୁଷ୍ମାନ କାର୍ଡ, ଶ୍ରମିକ କାର୍ଡ ଏବଂ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। "ମୁଖ୍ୟମନ୍ତ୍ରୀ ଏମ୍‌ଏସ୍‌ଏମ୍‌ଇ ସୁଧ ପ୍ରତିପୂରଣ ଯୋଜନା'ରେ ୩ ଜଣ, ପିଏମ୍-ଏଫ୍‌ଏମ୍‌ଇ ଯୋଜନାରେ ୨ ଜଣ, ପିଏମ୍‌ଇଜିପି ଯୋଜନାରେ ୩ ଜଣ ଏବଂ ନାନୋ ୟୁନିକର୍ଣ୍ଣ ଯୋଜନାରେ ୧୮ ଜଣ ହିତାଧିକାରୀଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଅନ୍ନପୂର୍ଣ୍ଣା ଯୋଜନାରେ ୪ ଜଣଙ୍କୁ କାର୍ଡ, ଷ୍ଟେଟ୍‌ପ୍ଲାନ୍ ଇନପୁଟ୍ ସବସିଡି ମାଧ୍ୟମରେ ୪ ଜଣଙ୍କୁ ଚାରାଗଛ, ୫ ଜଣ ଅଙ୍ଗନବାଡି କର୍ମୀଙ୍କୁ ସ୍ମାର୍ଟ ମୋବାଇଲ ଫୋନ, ଆୟୁଷ୍ମାନ ବୟୋବନ୍ଦନା ଯୋଜନାରେ ୨ ଜଣଙ୍କୁ ସ୍ୱାସ୍ଥ୍ୟ ବୀମା କାର୍ଡ ଏବଂ ଅନ୍ତ୍ୟୋଦୟ ଗୃହ ଯୋଜନା ଅଧୀନରେ ୨ ଜଣଙ୍କୁ କାର୍ଯ୍ୟାଦେଶ ପ୍ରଦାନ ସହ "ଲକ୍ଷପତି ଦିଦି' ଯୋଜନା ଅଧୀନ ସହାୟତା ପ୍ରଦାନ କରାଯାଇଥିଲା। ଚଳିତ କାର୍ଯ୍ୟକ୍ରମର ଏକ ସ୍ୱତନ୍ତ୍ର ଓ ଆକର୍ଷଣୀୟ କେନ୍ଦ୍ରବିନ୍ଦୁ ଥିଲେ ଝାରସୁଗୁଡା ବ୍ଲକ ଅନ୍ତର୍ଗତ ହଂ. କଟାପାଲି ଗ୍ରାମର ଦିବ୍ୟାଙ୍ଗ ଶିଶୁ ଖୀଲେଶ ବେହେରା। ନିଜର ଅସାଧାରଣ ପ୍ରତିଭା ବଳରେ ସେ ଭଜନ ପରିବେଷଣ କରିବା ସହ ଚମତ୍କାର ମୃଦଙ୍ଗ ବାଦନ କରି ଉପସ୍ଥିତ ସମସ୍ତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ଶିଳ୍ପ କେନ୍ଦ୍ରର ଜେନେରାଲ ମ୍ୟାନେଜର ଅରିନ୍ଦମ ପ୍ରଧାନ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୀଲ କୁମାର ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଝାରସୁଗୁଡ଼ା ଇଞ୍ଜିନିୟରିଂ ସ୍କୁଲର ହିତେଶ୍ୱର ଶତପଥୀ ସ୍ୱାଗତଭାଷଣ ପ୍ରଦାନ କରିବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲ୍ଲା ଦକ୍ଷତା ବିକାଶ ତଥା କର୍ମନିଯୁକ୍ତି ଅଧିକାରୀ ସଙ୍ଗୀତା ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

### ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ



ଦେବଗଡ଼,୨୨।୬(ସମିସ): ଜିଲ୍ଲା ପ୍ରଶାସନ, ଜିଲ୍ଲା କ୍ରୀଡ଼ା ବିଭାଗ, ଜିଲ୍ଲା ଯୋଗ ମହୋତ୍ସବ ସମିତି ଓ ଜିଲ୍ଲା କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ, ଉପଜିଲ୍ଲାପାଳ ପରୀକ୍ଷିତ ସାହୁ, ପୂର୍ବତନ ବିଧାୟକ ତଥା ସମ୍ବଲପୁର ସାଂସଦ ପ୍ରତିନିଧି ସୁବାସ ଚନ୍ଦ୍ର ପାଣିଗ୍ରାହୀ, ବିଧାୟକଙ୍କ ପ୍ରତିନିଧି ଚନ୍ଦ୍ର ଶେଖର ଭୁକ୍ତା, ଜିଲ୍ଲା ବିଜେପି ସଭାପତି ଅରୁଣ ସାହୁ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ପରେ ଜିଲ୍ଲା ଯୋଗ ମହୋତ୍ସବ ସମିତି ଯୋଗ ଗୁରୁ ଦେବରାଜ ସାହୁ ଓ ସାଥୀଙ୍କ ଦ୍ୱାରା ଯୋଗାଭ୍ୟାସ କରାଯିବା ପରେ ଶପଥ ପାଠ କରାଯାଇଥିଲା। ଏହି ଅବସରରେ ପ୍ରଜାପିତା ବ୍ରହ୍ମକୁମାରୀ ଅନୁଷ୍ଠାନର ଭଉଣୀ ସ୍ନେହା ଙ୍କ ଓମ୍ ଶାନ୍ତି ମନ୍ତ୍ର ପାଠ କରାଯାଇଥିଲା। ଜିଲ୍ଲାସ୍ତରରେ ଆୟୋଜିତ ହୋଇଥିବା ଓଡିଆ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ଓ ବରନ୍ୟ ଅତିଥିମାନଙ୍କ ଦ୍ୱାରା ମାନପତ୍ର ଓ ଟ୍ରଫି ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଥିଲା।

## ● ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

# ୩୨ ଅଭିଯୋଗ ପଞ୍ଜୀକୃତ

ବ୍ରଜରାଜନଗର,୨୨।୬(ସମିସ): ବ୍ରଜରାଜନଗରଠାରେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଏକ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ସେମାନଙ୍କର ବିଭିନ୍ନ ବ୍ୟକ୍ତିଗତ ଓ ସାମୂହିକ ସମସ୍ୟା ବିଷୟରେ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ। ଜିଲ୍ଲାପାଳ ସମସ୍ତ ଅଭିଯୋଗକୁ ଶୁଣିବା ସହ ଏହାର ତୁରନ୍ତ ଏବଂ ସମୟଭିତ୍ତିକ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅଭିଯୋଗ ଶୁଣାଣି ଶିବିରରେ ଝାରସୁଗୁଡ଼ା ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା ଏବଂ ବ୍ରଜରାଜନଗର ପୌରପାଳିକାର ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଶିବିରରେ ମୋଟ ୩୨ଟି ଅଭିଯୋଗପତ୍ର ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୨୧ଟି ବ୍ୟକ୍ତିଗତ ଅଭିଯୋଗ ହୋଇଥିବା ବେଳେ ୧୧ ଟି ସାମୂହିକ ଅଭିଯୋଗ ରହିଥିଲା। ଏହା ସହିତ ହିତାଧିକାରୀଙ୍କୁ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ୨୦,୦୦୦ ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଥିଲା।




## ପିଏମ୍‌ଶ୍ରୀ ଓପିଏମ୍ ବାଳିକା ହାଇସ୍କୁଲ ପରିଦର୍ଶନ କଲେ ଜିଲ୍ଲାପାଳ



ବ୍ରଜରାଜନଗର,୨୨।୬(ସମିସ): ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଆଜି ବ୍ରଜରାଜନଗର ସ୍ଥିତ ପିଏମ ଶ୍ରୀ ଓପିଏମ୍. ବାଳିକା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ଶିକ୍ଷାଦାନ ଓ ଭିତ୍ତିଭୂମିର ସମୀକ୍ଷା କରିଛନ୍ତି। ଏହି ପରିଦର୍ଶନ ସମୟରେ ଜିଲ୍ଲା ଶିକ୍ଷାଧିକାରୀ ରାଧାକାନ୍ତ ଗଡ଼ତିଆ ଏବଂ ବ୍ରଜରାଜନଗର ପୌରପାଳିକାର ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁ ପ୍ରମୁଖ ଜିଲ୍ଲାପାଳଙ୍କ ସହ ଉପସ୍ଥିତ ଥିଲେ। ଜିଲ୍ଲାପାଳ ବିଦ୍ୟାଳୟରେ ପହଞ୍ଚି ଶିକ୍ଷାର୍ଥୀ ଓ ଶିକ୍ଷକ ଶ୍ରେଣୀ ସହ ସିଧାସଳଖ ଆଲୋଚନା କରିବା ସହ ସେମାନଙ୍କର ପାଠପଢ଼ା ଓ ବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଜିଲ୍ଲାପାଳ ଶ୍ରୀ ଚହ୍ୱାଣ ବିଦ୍ୟାଳୟର ଭିତ୍ତିଭୂମି ଓ ଶିକ୍ଷାଦାନର ମାନର ଗଭୀର ସମୀକ୍ଷା କରିଥିଲେ। କୋମଳମତି ଶିଶୁମାନେ ଯେପରି ଉତ୍ତମ ଶିକ୍ଷା ଗ୍ରହଣ କରି ଶ୍ରେଷ୍ଠ ପରିଣାମ ଆଣିପାରିବେ, ସେଥିପାଇଁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଏହାସହ ବିଦ୍ୟାଳୟରେ ଛାତ୍ରୀମାନଙ୍କର ଦୈନିକ ଉପସ୍ଥାନ ବୃଦ୍ଧି କରିବା ଦିଗରେ ତୁରନ୍ତ ଉଚିତ୍ ପଦକ୍ଷେପ ନେବାକୁ ସେ ପ୍ରଧାନ ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କୁ କହିଛନ୍ତି। ସେ ସେଠାରେ କାର୍ଯ୍ୟରତ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କ ସହ ଆଲୋଚନା କରିବା ସହ ମଧ୍ୟାହ୍ନ ଭୋଜନର ଗୁଣବତ୍ତା ଯାଞ୍ଚ କରିଥିଲେ। ପିଲାମାନଙ୍କୁ ଯେପରି ସୁଷମ ଓ ସ୍ୱାସ୍ଥ୍ୟକର ଖାଦ୍ୟ ମିଳିବ, ତାହା ନିଶ୍ଚିତ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

## ଶ୍ରେଷ୍ଠ ଛାତ୍ରଙ୍କୁ ହରପ୍ରସାଦ ନନ୍ଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ସମ୍ବର୍ଦ୍ଧନା




ଦେବଗଡ଼,୨୨।୬ (ସମିସ): ଚିନ୍ମୟ ବିଦ୍ୟାଳୟର ପ୍ରଥମ ସଭାପତି ତଥା ଅବସରପ୍ରାପ୍ତ ଶିକ୍ଷକ ହରପ୍ରସାଦ ନନ୍ଦଙ୍କ ପଞ୍ଚମ ଶ୍ରାଦ୍ଧ ଦିବସ ଅବସରରେ ଶ୍ରେଷ୍ଠ ଛାତ୍ରଙ୍କୁ ସ୍ୱର୍ଗତ ନନ୍ଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ଟ୍ରଫି ଓ ଅର୍ଥ ରାଶି ପ୍ରଦାନ କରାଯାଇ ଥିଲା। ଏହି ଅବସରରେ ସ୍ଥାନୀୟ ଚିନ୍ମୟ ବିଦ୍ୟାଳୟ ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ସ୍ୱାମୀ ନିଲିପ୍ତା ନନ୍ଦ ସରସ୍ୱତୀ, ପରିଚାଳନା କମିଟିର ସଦସ୍ୟ ଅଶୋକ କୁମାର ଦେବ ସ୍ୱର୍ଗତ ନନ୍ଦଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପରେ ସିବିଏସଇ ଦଶମ ଶ୍ରେଣୀ ପରୀକ୍ଷାରେ ଚିନ୍ମୟ ବିଦ୍ୟାଳୟର ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ଶ୍ରଦ୍ଧା ସୁମନ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା। ବିଦ୍ୟାଳୟର ଅଧ୍ୟକ୍ଷ ଅଭୟ କୁମାର ସାହୁଙ୍କ ଅଧ୍ୟକ୍ଷତା ଓ ଶିକ୍ଷୟିତ୍ରୀ ଯୋସ୍ନହା ଦେବୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବହୁ ବ୍ରହ୍ମଚାରୀ, ବ୍ରହ୍ମଚାରିଣୀ, ପରିଚାଳନା କମିଟିର ସମ୍ପାଦକ ପ୍ରଭୁଦତ ମିଶ୍ର, ସଦସ୍ୟ ଗୋପବନ୍ଧୁ ପ୍ରଧାନ, ଜଗବନ୍ଧୁ ଶତପଥୀ, ରାମ ମହାପାତ୍ର, ଜୟନ୍ତ କୁମାର ସାହୁ, ଭୋଳନାଥ ଦାଶ, ହରେକୃଷ୍ଣ ସାହୁ, ଅଜିତ ମୋଦୀଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

## ୫ କୁଇଣ୍ଟାଲ ଗଞ୍ଜେଇ ଜବତ; ଜଣେ ଗିରଫ

କଣ୍ଟାମାଳ,୨୨।୬(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ପୁଲିସ ଘଣ୍ଟାପଡ଼ା ପଟରୁ କଣ୍ଟାମାଳ ଆଡ଼କୁ ଆସୁଥିବା ଏକ ପିକ୍‌ଅପ୍‌କୁ ଅଟକାଇ ଯାଞ୍ଚବେଳେ ସେଥିରୁ ୫ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ କରିବା ସହ ଚାଳକକୁ ଗିରଫ କରିଛି। ଗିରଫ ଚାଳକ ଜଣକ କନ୍ଧମାଳ ଜିଲ୍ଲା ବିରିଗଡ଼ ଗ୍ରାମର ଧୀରେନ କହଁର ବୋଲି ଜଣାପଡ଼ିଛି। ପୁଲିସ ପିକ୍‌ଅପ୍ ସହ ଗଞ୍ଜେଇ ଜବତ କରି ଚାଳକକୁ ଗିରଫ କରିଛି। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରାଯିବାରୁ ୫ କୁଇଣ୍ଟାଲ ୧୦କେଜି ହୋଇଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

## ବେଆଇନ ଗୋଚାଲାଣ; ୩୭ ଗୋରୁ ଉଦ୍ଧାର, ୨ ଅଟକ

ଜହ୍ନାପଙ୍କ,୨୨।୬(ସମିସ): ବୌଦ୍ଧ ଥାନା ଅନ୍ତର୍ଗତ କନ୍ଧଧୂମାଲ ଗ୍ରାମ ନିକଟରୁ ବେଆଇନ ଗୋ ଚାଲାଣବେଳେ ୩୭ ଗୋରୁଙ୍କୁ ବଜରଙ୍ଗ ଦଳ ଓ ବିଶ୍ୱ ହିନ୍ଦୁ ପରିଷଦ କର୍ମୀ ଉଦ୍ଧାର କରିଛନ୍ତି। ହରଭଙ୍ଗା ବ୍ଲକ ନୂଆପଡ଼ା ଅଞ୍ଚଳରୁ ଗୋରୁ ଚାଲାଣ ହେଉଥିବା ଖବର ପାଇ ବଜରଙ୍ଗ ଦଳ ଓ ବିଶ୍ୱହିନ୍ଦୁ ପରିଷଦର କର୍ମକର୍ତ୍ତା ମୁଣ୍ଡାପଡା ପଞ୍ଚାୟତ କନ୍ଧଧୂମାଲ ଗ୍ରାମ ନିକଟରୁ ୩୭ ଗୋରୁଙ୍କୁ ଉଦ୍ଧାର କରିବା ସହ ଗୋଟିଏ ବୁଲେଟ ଜବତ କରିଥିଲେ। ଏହି ଘଟଣାରେ ଦୁଇ ଚାଲାଣକାରୀଙ୍କୁ ଅଟକ ରଖି ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ବୁଲେଟ ଓ ଦୁଇ ଚାଲାଣକାରୀଙ୍କୁ ଥାନାକୁ ଆଣି ପଚରା ଉତୁରା କରୁଥିବା ସୂଚନା ମିଳିଛି। ଅଟକ ଥିବା ଦୁଇ ବ୍ୟକ୍ତି ହେଲେ ରକସା ଗ୍ରାମ ପଞ୍ଚାୟତ କାଦପଦର ଗ୍ରାମର ରୁଦ୍ରନାରାୟଣ ରାଜହଂସ ଓ କିରାସିରା ଗ୍ରାମର ପଞ୍ଚମନ ଜଗଦଲା। ଜବତ ଗୋରୁକୁ ସୁରଖା ଦେବୀ ଗୋଶାଳାରେ ରଖାଯାଇଛି।

## ଜିଲ୍ଲାସ୍ତରୀୟ ଯୋଗ ଦିବସ | ମାନସିକ ଶାନ୍ତି ଓ ଶାରୀରିକ ସୁସ୍ଥତା ଦେଇଥାଏ ଯୋଗ

ବୌଦ୍ଧ,୨୨।୬(ସମିସ): ବୌଦ୍ଧଜିଲ୍ଲା ପ୍ରଶାସନ, କ୍ରୀଡ଼ା ଓ ଯୁବ ସେବା ବିଭାଗ ଓ ଯୋଗ ମହୋତ୍ସବ ସମିତି ଓଡିଶାଙ୍କ ମିଳିତ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଯୋଗ ଦିବସ ସ୍ଥାନୀୟ ଷ୍ଟାଡିୟମଠାରେ ପାଳିତ ହୋଇଯାଇଛି। ଜିଲ୍ଲାପାଳ ବିଭୂତି ଭୂଷଣ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହରେ ବୌଦ୍ଧ ବିଧାୟକ ତଥା ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମସ୍ତଙ୍କୁ ଉଦବୋଧନ ଦେଇ ଜିଲ୍ଲାପାଳ କହିଥିଲେ ଯେ, ନିୟମିତ ଯୋଗାଭ୍ୟାସ ଦ୍ୱାରା ମାନସିକ ଶାନ୍ତି, ଶାରୀରିକ ସୁସ୍ଥତା ଏବଂ ଜୀବନରେ ସକାରାତ୍ମକତା ବୃଦ୍ଧି ପାଇଥାଏ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ କୁଲଦୀପ ମିନା, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ-ଜିଲ୍ଲାପାଳ ବିନୟ କୁମାର ଭୋଇ, ବନଖଣ୍ଡ ଅଧିକାରୀ ରାଜେନ୍ଦ୍ର ଗୋଚ୍ଛାୟତ, ବୌଦ୍ଧ ତହସିଲଦାର ଅନିତା କୁମାରୀ ସାହୁ, ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ପଣ୍ଡା ସମସ୍ତ ଅତିଥି, ଯୋଗ ପ୍ରଶିକ୍ଷକ, ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ ଓ ଉପସ୍ଥିତ ଜନସାଧାରଣଙ୍କୁ ସ୍ୱାଗତ ଜଣାଇଥିଲେ। ଯୋଗ ଗୁରୁ ତଥା ଯୋଗ ମହୋତ୍ସବର ମୁଖ୍ୟ ପ୍ରଶିକ୍ଷିକ ଦେବାଶିଷ ପୁରୋହିତ ସମସ୍ତଙ୍କୁ ଯୋଗାଭ୍ୟାସ କରାଇଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ଜ୍ୟୋତି ରଞ୍ଜନ ଭୂଏଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ମହୋତ୍ସବ କମିଟିର ଜିଲ୍ଲା ସଂଯୋଜକ ବିଜୟ କୁମାର ସାହୁ, ଯୋଗ ଶିକ୍ଷକ ନଟବର ଅଗ୍ରୱାଲ, ଡମ୍ବରୁ ବେହେରା, ପ୍ରଜ୍ଞା ଦାଶ, ସୌମ୍ୟ ସୁମନ ପୁରୋହିତ, ଦିଲୀପ ଚୌଧୁରୀ, ନମିତା ପ୍ରଧାନ, ରନ ମେହେର, ବିକାଶ ଅଗ୍ରୱାଲ ଯୋଗ ପ୍ରଦର୍ଶନ କରିଥିଲେ।

## ଜିଲ୍ଲାସ୍ତରୀୟ ରଥଯାତ୍ରା ପ୍ରସ୍ତୁତି ବୈଠକ

ବୌଦ୍ଧ,୨୨।୬(ସମିସ): ଶନିବାର ସନ୍ଧ୍ୟାରେ ବୌଦ୍ଧରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଭୂତି ଭୂଷଣ ନାୟକଙ୍କ ସଭାପତିତ୍ୱରେ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଉପ-ଜିଲ୍ଲାପାଳ ତଥା ଦେବୋତ୍ତର ନିର୍ବାହୀ ଅଧିକାରୀ ବିନୟ କୁମାର ଭୋଇ, ବୌଦ୍ଧ ତହସିଲଦାର ଅନିତା କୁମାରୀ ସାହୁ, ଡେପୁଟି କଲେକ୍ଟର ତଥା ନିଜାରତ ଅଧିକାରୀ ମନୀଷା ମହାନନ୍ଦିଆ, ଏସ୍‌ଡିପିଓ ଲରେନ୍‌ସ ରାଉତରାୟ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି, ରଥଯାତ୍ରା କମିଟି, ସ୍ୱେଚ୍ଛାସେବୀ ଅନୁଷ୍ଠାନ, କଳାକାର ସଂଘ ଏବଂ ମନ୍ଦିର ପରିଚାଳନା କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ। ଉପ-ଜିଲ୍ଲାପାଳ ସମସ୍ତଙ୍କୁ ସ୍ୱାଗତ ଜଣାଇବା ପରେ ରଥଯାତ୍ରା କମିଟି ଏବଂ ମନ୍ଦିର ପରିଚାଳନା କମିଟିର ସଦସ୍ୟ ସ୍ୱର୍ଗତ ଅଚ୍ୟୁତାନନ୍ଦ ମିଶ୍ରଙ୍କ ବିୟୋଗରେ ଶୋକ ପ୍ରକାଶ କରାଯାଇ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ବୈଠକରେ ବିଗତ ବର୍ଷର ଆୟ-ବ୍ୟୟ ହିସାବ ସହିତ ରଥ ମରାମତି,ଦେବନୀତି, ଛେରା ପହଁରା ନୀତି, ବଡ଼ଦାଣ୍ଡରେ ଥିବା ଗଛର ଡାଳ କଟେଇ, ମାଉସୀମା ମନ୍ଦିରର ମରାମତି, ମନ୍ଦିରଗୁଡ଼ିକର ରଙ୍ଗ କାମ, ଅଗ୍ନିଶମ ସୁରକ୍ଷା ବ୍ୟବସ୍ଥା, ଆଇନ ଓ ଶାନ୍ତିଶୃଙ୍ଖଳା ରକ୍ଷା ଆଦି ବିଷୟରେ ଆଲୋଚନା ହୋଇଥିଲା। ଜିଲ୍ଲାପାଳ ସମସ୍ତ ବିଭାଗ ମଧ୍ୟରେ ସୁଦୃଢ଼ ସମନ୍ୱୟ ରକ୍ଷା କରି ରଥଯାତ୍ରାକୁ ଶୃଙ୍ଖଳିତ କରିବାକୁ ଆହ୍ୱାନ ଦେଇଥିଲେ।

## ଅବକାରୀ ବିଭାଗ ଦ୍ୱାରା ବିପୁଳ ଗଞ୍ଜେଇ ଜବତ



ଶଗଡ଼ା,୨୨।୬(ସମିସ): ବୌଦ୍ଧ ଅବକାରୀ ବିଭାଗ ଚଢ଼ଉ କରି ବିପୁଳ ପରିମାଣର ଗଞ୍ଜେଇ ଜବତ କରିଛି। ଅବକାରୀ ଅଧୀକ୍ଷକ ଶାନ୍ତି ମାରାଣ୍ଡିଙ୍କ ନିର୍ଦ୍ଦେଶକ୍ରମେ ବୌଦ୍ଧ ମୋବାଇଲ ସ୍କ୍ୱାଡ୍ ବାଉଁଶୁଣୀ ଥାନା ଗୁହ୍ଳିଆ ନାଳ ନିକଟରେ ଚଢ଼ଉ କରିଥିଲା। ମାଫିଆମାନେ ଅବକାରୀ କର୍ମଚାରୀଙ୍କୁ ଦେଖି ଛତ୍ରଭଙ୍ଗ ଦେଇଥିବାବେଳେ ଚାଲାଣ ହେବାକୁ ଥିବା ୧୦୫ କେଜି ଗଞ୍ଜେଇକୁ ଅବକାରୀ ଟିମ୍ ଜବତ କରିଥିଲା। ଏନେଇ ଅବକାରୀ ଥାନା ପକ୍ଷରୁ ଏକ ମାମଲା ରୁଜୁ କରି ଜବତ ଗଞ୍ଜେଇକୁ ଆଜି କୋର୍ଟରେ ପ୍ରଦର୍ଶନ କରାଯାଇଛି।

## ଗ୍ରାମ୍ୟ ଶାନ୍ତି କମିଟି ପକ୍ଷରୁ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ୟୁନିଭର୍ସାଲ ଦଳ ଚାମ୍ପିଅନ

ଜହ୍ନାପଙ୍କ,୨୨।୬(ସମିସ): ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ନାରାୟଣନଗରଠାରେ ଥିବା ଲକ୍ଷ୍ମୀପ୍ରସାଦ ଗ୍ରାମ୍ୟ ଶାନ୍ତି କମିଟି ପକ୍ଷରୁ ଏକ ଦିବସୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ ରବିବାର ଯୋଗ ଦିବସରେ ନାରାୟଣନଗର ହାଟପଦାଠାରେ ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬ଟି ଦଳ ଭାଗ ନେଇଥିଲେ। ଅତିଥି ଭାବେ ଉପସଭାପତି ନରୋତ୍ତମ ମେହେର, ସମ୍ପାଦକ ବୈଶାକୁ ବେହେରା, କୋଷାଧ୍ୟକ୍ଷ ମୋତିଲାଲ ମେହେର ଯୋଗ ଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। ଫାଇନାଲ୍ ମ୍ୟାଚ ୟୁନିଭରସାଲ ଓ ଓଡିଶା ଷ୍ଟାର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୟୁନିଭରସାଲ ଦଳ ବିଜୟ ହୋଇଛି। ବିଜେତା ୟୁନିଭାର୍ସଲ ଦଳକୁ ଟ୍ରଫି ସହ ୧ହଜାର ଟଙ୍କା ପୁରସ୍କୃତ କରିଥିଲେ। ଖେଳାଳି ସୁଦାମ ଜେନାଙ୍କୁ ବେଷ୍ଟ ନେଟର ଭାବେ ପୁରସ୍କୃତ କରାଯାଇଥିଲା। ସୋମନାଥ ବେହେରା, କିଂଶୁକ ସାହୁ, ମାନସ ଜେନା ଧାରାବିବରଣୀ ପ୍ରଦାନ କରିଥବା ବେଳେ ମନୋଜ ମେହେର, ବିକାଶ ମେହେର ସ୍କୋରର ଦାୟିତ୍ୱ ତୁଲାଇଥିଲେ। ସଦସ୍ୟ ଋଂଜିତ ମେହେର, ସଭ୍ୟ ପିଣ୍ଟୁ ମିର୍ଦ୍ଧା, କୁଶ ମେହେର, ସୁରେନ୍ଦ୍ର ମେହେର, ସରୋଜ ମେହେର, ଧରଣୀଧର ମେହେର, ଅଜୁ ମେହେର, ପ୍ରମୁଖ ସହଯୋଗ କରିଥିଲେ।

## ସିଂହଶାଳ ବାଲିଘାଟରେ ନିଖୋଜ ଶ୍ରମିକର ମୃତଦେହ ଉଦ୍ଧାର

ଦେବଗଡ଼,୨୨।୬(ସମିସ): ବାରକୋଟ ଥାନା ସିଂହଶାଳ ବାଲିଘାଟରେ ଗତ ଶୁକ୍ରବାରଠାରୁ ନିଖୋଜ ଥିବା ଶ୍ରମିକଙ୍କ ମୃତଦେହ ରବିବାର ରାତିରେ ଉକ୍ତ ବାଲିଘାଟରୁ ଠାବ ହୋଇଛି। ଗତକାଲି ରାତିରେ ନିଖୋଜ ଶ୍ରମିକର ମୃତଦେହ ଉକ୍ତ ବାଲିଘାଟ ମଧ୍ୟରେ ପୋତା ଯାଇଥିବା ଅବସ୍ଥାରେ ଠାବ ପରେ ଆଜି ସାଇଣ୍ଟିଫିକ ଟିମ୍ ସହାୟତାରେ ପୁଲିସ ତଦନ୍ତ ଜୋରଦାର କରିଛି। ମୃତ ଶ୍ରମିକ ମେଘଫାର୍ସନପୁର ଗ୍ରାମର ଇନ୍ଦ୍ରମଣି ମୁଣ୍ଡା। ଇନ୍ଦ୍ରମଣିଙ୍କ ସ୍ତ୍ରୀ ରୀନା ମୁଣ୍ଡାଙ୍କ ଅଭିଯୋଗ ଆଧାରରେ ବାରକୋଟ ଥାନା ପୁଲିସ ବାଲିଘାଟ ମାଲିକ ନରୋତ୍ତମ ସାହୁ, ଜେସିବି ଚାଳକ ପୀତାମ୍ବର ପାତ୍ର, ବାଲିଘାଟ କର୍ମଚାରୀ ସତ୍ୟପ୍ରିୟ ଦଳବେହେରା, ସିପୁନ ସାହୁ ଓ ସାରଙ୍ଗଧର ସାହୁଙ୍କ ନାମରେ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। କ୍ୟାମ୍ପ ଛାଡି ଅଭିଯୁକ୍ତ ମାଲିକ ଓ କର୍ମଚାରୀ ଫେରାର ହୋଇଯାଇଥିବାରୁ ଆଜି ସକାଳୁ ଗ୍ରାମବାସୀ ପୀଡ଼ିତ ପରିବାରକୁ ଉଚିତ କ୍ଷତିପୂରଣ, ବାଲିଘାଟ ଲିଜ୍ ପ୍ରତ୍ୟାହାର ଓ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ଆନ୍ଦୋଳନକୁ ଓହ୍ଲାଇଥିଲେ।

ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ପହଞ୍ଚି ମୃତକଙ୍କ ପରିବାରକୁ ଉଚିତ କ୍ଷତିପୂରଣ ପ୍ରଦାନ ସହ ଦୋଷୀଙ୍କ ବିରୁଦ୍ଧରେ

### କ୍ଷତିପୂରଣ ସହ ବାଲିଘାଟ ଲିଜ୍ ବାତିଲ ଦାବିରେ ଗ୍ରାମବାସୀଙ୍କ ରାସ୍ତାରୋକ

ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରି ରାସ୍ତାରେ ବସି ରହିବା ଫଳରେ ବାରକୋଟ ରାଉରକେଲା ୧୦ ନମ୍ବର ରାଜ୍ୟ ରାଜପଥରେ ଗାଡ଼ି ଚଳାଚଳ ଠପ୍ ହୋଇଯାଇଥିଲା। ଉପଜିଲ୍ଲାପାଳ ପରୀକ୍ଷିତ ସାହୁ, ଡିଏସପି ପବିତ୍ର କିଷାନ, ଥାନା ଅଧିକାରୀ ସୁଶାନ୍ତ ବଡେଇ ସ୍ଥାନୀୟ ସରପଞ୍ଚ ଝରଣା ବେହେରା ଓ ସ୍ଥାନୀୟ ଅଂଚଳର ସମାଜସେବୀ କିଶୋର ଚନ୍ଦ୍ର ପ୍ରଧାନ ପ୍ରମୁଖ ଘଟଣା ସ୍ଥଳରେ ଆନ୍ଦୋଳକାରୀଙ୍କ ସହ ଆଲୋଚନା କରି ଦାବି ମୁତାବକ କ୍ଷତିପୂରଣ ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ମୃତ ଇନ୍ଦ୍ରମଣୀଙ୍କ ସହ କାର୍ଯ୍ୟ କରୁଥିବା ଅନ୍ୟ ୩ ସହଯୋଗୀ ଶ୍ରମିକଙ୍କୁ ପୁଲିସ ଗ୍ରାମରୁ ଉଠାଇ ନେଇ ପଚରାଉତୁରା କରୁଛି।

# ମଣ୍ଡିରେ ଗଜା ହେଲାଣି ଧାନ; ଚିନ୍ତାରେ ଚାଷୀ





ମନମୁଣ୍ଡା,୨୨।୬(ସମିସ)

ମଣ୍ଡିରୁ ଉଠୁନି ଧାନ। ଅବ୍ୟବସ୍ଥା ଘେରରେ ସରକାରୀ ଓ ପ୍ରଶାସନିକ ଧାନ କିଣା ବ୍ୟବସ୍ଥା। ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବିଭିନ୍ନ ମଣ୍ଡିରେ ପଡ଼ି ରହିଛି ଶହ ଶହ କ୍ୱିଇଣ୍ଟାଲ ଧାନ। ସେହିପରି ମନମୁଣ୍ଡା ମଣ୍ଡିରେ ୨୮୦ ଚାଷୀଙ୍କ ପାଖାପାଖି ୧୧ ହଜାର କ୍ୱିଇଣ୍ଟାଲ ଧାନ ପଡ଼ି ରହିଛି। ଖୋଲା ଆକାଶ ତଳେ ଧାନ ସବୁ ଗଦା ହୋଇ ରହିଛି। ସେହିପରି ଗତ କିଛିଦିନ ତଳେ କାଳବୈଶାଖୀରେ ମଣ୍ଡି ଟିଣ ଛାଉଣୀ ଉଡ଼ି ଯାଇଥିବାରୁ ସେଠାରେ ରଖାଯାଇଥିବା ଧାନ ଏକ ରକମର ଖୋଲା ଆକାଶ ତଳେ ପଡ଼ି ରହିଛି। ଅନ୍ୟପଟେ ବର୍ଷାରେ ଭିଜି ଚାଷୀଙ୍କ ଧାନସବୁ ଗଜା ହୋଇଗଲାଣି। ମଣ୍ଡିରେ ଖୋଲା ଆକାଶ ତଳେ ଧାନ ପକାଇ କେବେ ଧାନ ବିକିବେ ସେ ନେଇ ଚାତକ ପରି ଚାହିଁ ବସି ରହିଛନ୍ତି ଚାଷୀ। ଗତ ୧ ତାରିଖରୁ ଟୋକନ ଆସିଥିବାବେଳେ ୩୦ ତାରିଖରେ ଅବଧି ସରିଯିବ। ତୁରନ୍ତ ଧାନ ଉଠାଇବାକୁ ଦାବି କରିବା ସହ ଯଦି ଧାନ ନ ଉଠେ ତେବେ ବାଧ୍ୟ ହୋଇ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବେ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି।ଅନ୍ୟପକ୍ଷରେ ବୌଦ୍ଧ ଜିଲ୍ଲାର ବିଭିନ୍ନ ମଣ୍ଡିରେ ହଜାର ହଜାର କ୍ୱିଣ୍ଟାଲ ଧାନ ପଡ଼ି ରହିଥିବାବେଳେ ଜିଲ୍ଲାର ମିଲରମାନେ ଅନ୍ୟ ଜିଲ୍ଲାରୁ ଧାନ ଉଠାଉଥିବା ନେଇ ଚାଷୀମାନେ କ୍ଷୋଭ ପ୍ରକାଶ କରିଛନ୍ତି। ବୌଦ୍ଧ ଜିଲ୍ଲା ପ୍ରଶାସନ ସେନେଇ କେମିତି ଅନୁମତି ଦେଇଛନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏନେଇ ମନମୁଣ୍ଡା ପାକ୍ସ ସମ୍ପାଦକ ମୃତ୍ୟୁଞ୍ଜୟ ହୋତାଙ୍କୁ ପଚାରିବାରୁ ଧାନ ନ ଉଠିବାରେ ପାକ୍ସର କିଛି ଭୁଲ ନାହିଁ, ମିଲର ଗାଡ଼ି ପଠାଉ ନାହାନ୍ତି। ଗାଡ଼ି ଆସୁନାହିଁ ବୋଲି ଧାନ ଉଠୁ ନ ଥିବା କହିଥିଲେ। ଚାଷୀମାନେ ଅସୁବିଧା ଭୋଗ କରୁଥିବା ସ୍ୱୀକାର କରିବା ସହ ଅସହାୟତା ପ୍ରକାଶ କରିଥିଲେ।



